## ସଂକ୍ଷେପରେ

### ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଦାୟିତ୍ୱ ନେଲା ପଞ୍ଚାୟତ

**ପଦ୍ମପୁର, ୭।୧(ଡି.ଏନ୍.ଏ.)-** ବାସୁଦେବପୁର ବ୍ଲକ ଅଧୀନ ବିରସ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଦୟାନିଧି ଦାସଙ୍କର ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜଳ ଯୋଗାଣ ଦାୟିତ୍ୱ ଦିଆଯାଇଥିବା ପରିଚାଳନା କମିଟି ଠିକ୍ ଭାବରେ ଜଳଯୋଗାଣ କରି ନ ପାରିବାରୁ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା। ଏହା ଉପରେ ବିଚାର ବିମର୍ଶ କରାଯାଇ ଗ୍ରାମର ଜଳଯୋଗାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇବା ପାଇଁ ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଉପଭୋକ୍ତାମାନେ ନୂତନ ଭାବେ ଜଳଯୋଗାଣ ପାଇଁ ୧୦୦୦ ଟଙ୍କା ଅମାନତ ରାଶି ପଞ୍ଚାୟତରେ ପୈଠ କରିବା ସହ ପ୍ରତିମାସ ଜଳକର ପୈଠ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜଳ ଅପଚୟକୁ ରୋକିବା ଲାଗି ଆବଶ୍ୟକ ନ ଥିବା ବେଳେ ଟ୍ୟାପକୁ ବନ୍ଦ ରଖିବା, ବାଡ଼ିପୋଖରୀ ନିର୍ମାଣ କାର୍ଯ୍ୟରେ ପାନୀୟ ଜଳକୁ ବ୍ୟବହାର ନ କରିବା ପାଇଁ ନିୟମ କରାଯାଇଛି। ବୈଠକରେ ସମିତିସଭ୍ୟ ସତ୍ୟରଞ୍ଜନ କୁଅଁର, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ସୁବାସ ଚନ୍ଦ୍ର ଜେନା, ଜଳଯୋଗାଣ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ନବୋଦୟ, ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେବେ ୯୭୧ ପରୀକ୍ଷାର୍ଥୀ

**ବନ୍ତ, ୭।୧(ଡି.ଏନ୍.ଏ.)-** ଭଦ୍ରକ ଜିଲା ବନ୍ତ ବ୍ଲକର ୯୭୧ ଜଣ ପରୀକ୍ଷାର୍ଥୀ ନବୋଦୟ ଓ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେବେ । ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ୧ଟା ୩୦ ମଧ୍ୟରେ ନବୋଦୟ ପରୀକ୍ଷା ଅନୁଷ୍ଠିତ ହେବ । ଏହା ଦୁଇଟି କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବନ୍ତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୫୯ ଓ ଆଗରପଡା ସରକାରୀ ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୯୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ବନ୍ତ ପରୀକ୍ଷା କେନ୍ଦ୍ରରେ ପୀତବାସ ଜେନା ଓ ଆଗରପଡ଼ା ପରୀକ୍ଷା କେନ୍ଦ୍ରରେ ଈଶ୍ୱର କୁମାର ସାହୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇବେ । ସେହିଭଳି ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ । ଏହା ଦୁଇଟି କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଟିଲୋ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୩୮ ଓ ବନ୍ତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୮୪ ଜଣ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।

## ଧାନ ବିକ୍ରି ବକେୟା ପ୍ରାପ୍ୟ ମିଳୁନି

# ସମବାୟ ସମିତି ଆଗରେ ଚାଷୀଙ୍କ ହୋହଲ୍ଲା

**ବାସୁଦେବପୁର, ୭।୧(ଡି.ଏନ୍.ଏ.)**

ବାସୁଦେବପୁର ବ୍ଲକ ଇରମ ସେବା ସମବାୟ ସମିତି ଅଧୀନରେ ପ୍ରାୟ ୨୧ ଜଣ ଚାଷୀ ସେମାନଙ୍କର ପୂର୍ବବର୍ଷ ଧାନବିକ୍ରି ଟଙ୍କା ପାଇପାରିନାହାନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ମଙ୍ଗଳବାର ସମିତି କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିଛନ୍ତି। ଫଳରେ ପୂର୍ବାହ୍ନଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ସମିତି କାର୍ଯ୍ୟ ପରିଚାଳନାରେ ବାଧା ଉପୁଜିଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ଆର୍ଥିକ ବର୍ଷରେ ଏହି ସମିତି ଅଧୀନରେ ୨୧ ଜଣ ଚାଷୀ ପ୍ରଦାନ କରିଥିବା ୭୦୭ କୁଇଣ୍ଟାଲ ଧାନ ବାବଦକୁ ପ୍ରାୟ ୧୦ ଲକ୍ଷ ଟଙ୍କା ଏଯାଏ ପାଇପାରିନାହାନ୍ତି। ଏହାର ପ୍ରତିବାଦରେ ସେମାନେ ଏପରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଏହି ଘଟଣାର ସମାଧାନ ପାଇଁ ମଧ୍ୟାହ୍ନରେ ଇରମ ବଜ୍ରମହାକାଳୀ ମନ୍ଦିରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଇରମ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମିତିସଭ୍ୟ ଉମାକାନ୍ତ ରଣା, ଇରମ ସମିତିର ସଭାପତି କମଳଲୋଚନ ବାରିକ, ସମ୍ପାଦକ ରଶ୍ମିରଞ୍ଜନ କବାଟ, ଅଡୁଁଆ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ, ଗୋବିନ୍ଦ ଜେନାଙ୍କ ସମେତ ଚାଷୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨ ସପ୍ତାହ ମଧ୍ୟରେ ବକେୟା ଟଙ୍କା ଚାଷୀଙ୍କୁ ଦିଆଯିବା ଦିଗରେ ସମିତି ପଦକ୍ଷେପ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ପୂର୍ବବର୍ଷ ଧାନକିଣା କ୍ଷେତ୍ରରେ ଶେଷ ସମୟରେ କେତେକ ଚାଷୀଙ୍କ ଟଙ୍କା ବିଭାଗ ସମିତିକୁ ଦେଇ ନ ଥିବାରୁ ଚାଷୀମାନେ ଏହି ଟଙ୍କା ପାଇପାରି ନାହାନ୍ତି ବୋଲି ସମିତି ସମ୍ପାଦକ ରଶ୍ମିରଞ୍ଜନ କବାଟ କହିଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ, ଜିଲାସ୍ତରୀୟ ନେତୃବୃନ୍ଦ



ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିବା ବିଧାୟକ ଓ ଜିଲାସ୍ତରୀୟ ନେତୃବୃନ୍ଦ।

**ଭଦ୍ରକ ଅଫିସ, ୭।୧**

ସୋମବାର ମୁଖ୍ୟମନ୍ତ୍ରୀ ଭଦ୍ରକ ଜିଲାରେ ୭ ମହଲା ବିଶିଷ୍ଟ ନୂତନ ଜିଲା ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ପାଇଁ କରିଥିବା ଘୋଷଣା ପରେ ମଙ୍ଗଳବାର ଭଦ୍ରକ ଜିଲାର ବିଧାୟକ ତଥା ଜିଲାସ୍ତରୀୟ ବିଜେଡି ନେତୃବୃନ୍ଦ ମାନେ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଜିଲାବାସୀଙ୍କ ପାଇଁ ନବବର୍ଷର ଭେଟି ବୋଲି କହି ଫୁଲତୋଡ଼ା ସହ ଧନ୍ୟବାଦ ଜଣାଇଛନ୍ତି। ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ତିହିଡ଼ି ବ୍ଲକ ଚେୟାରମ୍ୟାନ ବିଦ୍ୟୁତ୍‌ଲତା ନାୟକ, ଜିଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ଛାତ୍ର ବିଜେଡ଼ି ଜିଲା ସଭାପତି ତଥାଗତ ସାମଲ, ରାଜଲକ୍ଷ୍ମୀ ମହାପାତ୍ର, ରାଜୁ ଦାସ, ମଳୟ ଯେନା, ପ୍ରିନ୍ସ ରାକେଶ ନାୟକ, ଅଶୋକ ବଳ, ପ୍ରୟାସକାନ୍ତି ସାମଲ, ପୂର୍ବତନ କାଉନସିଲର ଅଶୋକ ମହାପାତ୍ର, ଜୁଲ୍‌ଫୁକର୍ ଅଲ୍ଲୀ, ଭଦ୍ରକ ପୂର୍ବତନ ପୌରପାଳ ମାନସ ମହାନ୍ତି ସମେତ ବହୁ କାଉନସିଲର, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

## ରାଜଘାଟ ଜଳେଶ୍ୱର ୩-୦ ଗୋଲରେ ବିଜୟୀ

**ବାସୁଦେବପୁର, ୭।୧(ଡି.ଏନ୍.ଏ.)**

ବାସୁଦେବପୁର ପୌରପାଳିକାର ଶୁଙ୍ଗୁଡ଼ା ସ୍ଥିତ ନୀଳମଣି ମିନିଷ୍ଟାଡିୟମ୍ ପରିସରରେ ୩୩ ତମ ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟର ୨ୟ ଦିବସ ଖେଳରେ ରାଜଘାଟ ଜଳେଶ୍ୱର ୩-୦ ଗୋଲରେ ଏନ୍‌ଆର୍‌ଆର୍‌ଆଇ କ୍ଲବ କଟକକୁ ହରାଇ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ୧-୦ ଗୋଲରେ ରାଜଘାଟ ଜଳେଶ୍ୱର ଅଗ୍ରଣୀ ଥିଲା ବେଳେ ୨ୟାର୍ଦ୍ଧରେ ଦୁଇଟି ଗୋଲ ଦେଇ ୩-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମଙ୍ଗଳବାର ଖେଳରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାଧବଚନ୍ଦ୍ର ପୁହାଣ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଏଲ୍‌ଆଇସି ଅଧିକାରୀ ରାଧାକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଆୟୋଜକ ଗଣେଶ କ୍ଲବ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସଭାପତି ଗୌରାଙ୍ଗ ବେହେରା ଅତିଥିଙ୍କ ସହିତ ଉପସ୍ଥିତ ଥିଲେ। ୩ୟ ଦିବସ ଖେଳଟି ବୁଧବାର ଆରିଆନା କ୍ଲବ ଖୋର୍ଦ୍ଧା ଓ ଟାଉନକ୍ଲବ କେଉଁଝର ମଧ୍ୟରେ ଅନୁଷ୍ଠିତ ହେବ।

## ପିଇଓଙ୍କ ବଦଳିକୁ ନେଇ ଅସନ୍ତୋଷ

**ବନ୍ତ, ୭।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକର କେତେକ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଉଲ୍ଲେଖ ଯେ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଚିଠି ନଂ.୧୮୫ ୭୮/ତା୧୮।୧୦।୧୯ ଅନୁଯାୟୀ ଅତିରିକ୍ତ ବିଡିଓ, ସହକାରୀ ଯନ୍ତ୍ରୀ, ପ୍ରଗତି ସହାୟକ, ଜିପିଟିଏ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ସମ୍ପର୍କରେ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବଦଳି ପ୍ରକ୍ରିୟା ୨୦୧୯ ନଭେମ୍ବର ୫ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଥିଲା। ଗୋଟିଏ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ୫ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିବା ପିଇଓମାନଙ୍କୁ ବଦଳି କରାଯିବାକୁ ନିର୍ଦ୍ଦେଶ ରହିଥିଲା। ଏପରିସ୍ଥଳେ ଛୟାଳସିଂ, ଗୋବିନ୍ଦପୁର, ଓଡଙ୍ଗ, ଷେଣ୍ଡତୀରା, ରାମକୃଷ୍ଣପୁର, ମହାନ୍ତିପଡ଼ା ଆଦି ପଞ୍ଚାୟତରେ କାର୍ଯ୍ୟରତ ପିଇଓମାନେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର ବଦଳି ହୋଇନାହିଁ । ମାତ୍ର କେତେକ ପଞ୍ଚାୟତରେ ୫ ବର୍ଷରୁ କମ୍ ସମୟ ଧରି କାର୍ଯ୍ୟ କରୁଥିବା ପିଇଓମାନଙ୍କୁ ବ୍ଲକ ପ୍ରଶାସନ ବଦଳି କରିଥିବା ଜଣାଯାଇଛି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କ ମତାମତ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଗଙ୍କୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଡ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସମୀକ୍ଷା କରି ଫେରିଲେ ଜାତୀୟ ସଂଖ୍ୟାଲଘୁ କମିଶନ ଆୟୋଗ ଉପାଧ୍ୟକ୍ଷ

**ଭଦ୍ରକ ଅଫିସ, ୭।୧**

ମଙ୍ଗଳବାର ଅପରାହ୍ନରେ ଜାତୀୟ ସଂଖ୍ୟାଲଘୁ କମିଶନ ଆୟୋଗ ଉପାଧ୍ୟକ୍ଷ ଜର୍ଜ କୋରିଆନ୍ ଭଦ୍ରକ ଜିଲା ଗସ୍ତରେ ଆସି ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ଫେରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲାସ୍ତରୀୟ ତଥା ବିଭାଗୀୟ ଅଧିକାରୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପିଡି ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ ସମେତ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ଜେନା ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲାରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ସାମୂହିକ ଉନ୍ନତି ପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରି ସ୍ୱତନ୍ତ୍ର ଅନୁଦାନ ପାଇଁ ଏକ ପ୍ଲାନ ପ୍ରସ୍ତୁତ କରି ପଠାଇବା ପାଇଁ ଉପାଧ୍ୟକ୍ଷ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଚଉଦ ମହଲା ମୁସଲିମ୍ ଜମାତର ସଭାପତି ମହମ୍ମଦ ଅବଦୁଲ ବାରି, ସୋଫିଆ ଶେଖ୍ ସମେତ ବହୁ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଅଭିମୁଖେ ଫେରିଥିଲେ।




ସମୀକ୍ଷା ବୈଠକରେ ଉପାଧ୍ୟକ୍ଷ, ଜିଲାପାଳ , ବିଧାୟକ ଓ ଅନ୍ୟମାନେ।

## ମୟୂରଭଞ୍ଜ

## ଆଜି କ'ଣ କେଉଁଠି

ବାରିପଦା

- ଆଦାନୀ-କିସ୍ ଆବାସିକ ଜନଜାତି ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ। ସ୍ଥାନ- ବାଙ୍କିଶୋଳ, ବାରିପଦା, ମୟୂରଭଞ୍ଜ, ପୂର୍ବାହ୍ନ ୧୧ଟା।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଧର୍ମଘଟ ପାଇଁ ବଦଳିଲା ପରୀକ୍ଷା ସୂଚୀ

**ବାରିପଦା ଅଫିସ,୭।୧:** ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ବୁଧବାର ହେବାକୁ ଥିବା ପରୀକ୍ଷାକୁ କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଘୁଞ୍ଚାଇ ଦିଆଯାଇଛି। ଏନେଇ ବିଶ୍ୱବିଦ୍ୟାଳୟର ପତ୍ର ସଂଖ୍ୟା ୬୪ (୭।୧।୨୦୨୦)ରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ପିଜି ବିଭାଗର ପ୍ରଥମ ଓ ପଞ୍ଚମ ସେମିଷ୍ଟାର ପରୀକ୍ଷା ୨୭ ଜାନୁୟାରୀ, ଏଲଏଲବିର ପ୍ରଥମ ସେମିଷ୍ଟାର ପରୀକ୍ଷା ୧୭ ଜାନୁୟାରୀ, ସ୍ପେଶାଲ ବିଏଡିର ଷଷ୍ଠ ସେମିଷ୍ଟାର ପରୀକ୍ଷା ୨୨ ଜାନୁୟାରୀ ଓ ନର୍ସିଂ ବିଭାଗର ପ୍ରଥମ ସେମିଷ୍ଟାର ପରୀକ୍ଷା ୧୦ ଜାନୁୟାରୀକୁ ଘୁଞ୍ଚାଇ ଦିଆଯାଇଛି।

### ପୋଡ଼ିଗଲା ୨ ବଖରା

**ଖୁଣ୍ଟା,୭।୧(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଗୌଡ଼ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୨ ବଖରା ନଡାଛପର ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଗ୍ରାମର କର୍ଣ୍ଣ ବେହେରା ଓ ଦୁଃଖିରାମ ବେହେରା ରାତିରେ ନିଜଘରେ ପରିବାର ସହିତ ଶୋଇଥିଲା ବେଳେ ସେମାନଙ୍କ ଘରେ ନିଆଁ ଲାଗି ଯାଇଥିଲା। ଖବରପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ପହଁଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘର ମଧ୍ୟରେ ଥିବା ଧାନ ଚାଉଳ ଓ ଅନ୍ୟାନ୍ୟ ସମସ୍ତ ଆସବାବପତ୍ର ଜଳି ପୋଡି ନଷ୍ଟ ହୋଇଯାଇଛି।

# ବୀମା ପରିସରଭୁକ୍ତ ହେଲେ ସେବାୟତ

**ବାରିପଦା ଅଫିସ,୭।୧**

ସବୁବେଳେ ଅବହେଳିତ ହୋଇ ପଡ଼ି ରହିଥିବା ଦେବୋତ୍ତର ବିଭାଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତର ଦିନକ ପୂର୍ବରୁ ସଜବାଜ କରିଛି ଜିଲା ପ୍ରଶାସନ। ଦେବୋତ୍ତର ବିଭାଗ ଅଧୀନରେ ଥିବା ଜିଲାର ୧୦ଟି ମନ୍ଦିର ଓ ୧୦ଟି ମଠରେ ପୂଜା କାର୍ଯ୍ୟ ତଥା ମନ୍ଦିରର ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ସେବାୟତମାନଙ୍କୁ ୨୦୧୯-୨୦୧୦ ବର୍ଷରୁ ଆଗାମୀ ୩ ବର୍ଷ ପାଇଁ ବୀମାଭୁକ୍ତ କରିଛି ବିଭାଗ। ବୀମା ବାବଦକୁ ଥିବା ସମସ୍ତ ପାଉଣା ୩ ବର୍ଷ ପର୍ଯ୍ୟନ୍ତ ଦେବୋତ୍ତର ବିଭାଗ ଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏହା ପରେ ସେବାୟତମାନେ ନିଜ ନିଜ ପାଉଣା ଦେବେ। ୭୦ ବର୍ଷରୁ ତଳକୁ ଓ ୫୦ ବର୍ଷରୁ ତଳକୁ ମାପଦଣ୍ଡରେ ନିଆଯାଇ ସେବାୟତମାନଙ୍କୁ ବୀମା ପରିସର ଭୁକ୍ତ କରାଯାଇଛି। ସେହିପରି ସର୍ବସାଧାରଣଙ୍କୁ ଦେବୋତ୍ତର ବିଭାଗର ସମସ୍ତ ମଠ ମନ୍ଦିର, ବିଶେଷ କରି ବାରିପଦା ଜଗନ୍ନାଥ ମନ୍ଦିର ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଏକ ୱେବ ସାଇଟ(ଶ୍ରୀଶ୍ରୀହରିବଳଦେବ.ଇନ) ମଧ୍ୟ ଉନ୍ମୋଚନ କରାଯାଇଛି। ଏହି ୱେବ ସାଇଟ ଜରିଆରେ ଲୋକେ ମଠ ଓ ମନ୍ଦିରଗୁଡିକ ସମ୍ପର୍କରେ ଜାଣିପାରିବା ସହିତ ଅନ ଲାଇନରେ ପୂଜା ପାଇଁ ମଧ୍ୟ ଆବେଦନ କରିପାରିବେ। ଅନଲାଇନ ଯୋଗେ ଆବେଦନ ପରେ ପୂଜା କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପାର୍ସଲ ଯୋଗେ ପ୍ରସାଦ ମଧ୍ୟ ପଠାଯିବାର ବ୍ୟବସ୍ଥା ରହିଛି। କୌଣସି ବ୍ୟକ୍ତି ଚାହିଁଲେ ମଠ ଓ ମନ୍ଦିରକୁ ଦାନ ମଧ୍ୟ ଦେଇ ପାରିବେ। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲେସନ ସେଣ୍ଟରରେ ଜିଲାପାଳ ବିନୀତ ଭରଦ୍ୱାଜ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ୱେବ ସାଇଟକୁ ଉନ୍ମୋଚନ କରିଥିଲେ। ଦେବୋତ୍ତର ବିଭାଗ ସହକାରୀ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ, ବାରିପଦା ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଦିବ୍ୟଜ୍ୟୋତି ପରିଡା ଓ ଆଇଏଏସ ପ୍ରୋବେସନର ଭୁବନେଶ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ସହିତ ସେବାୟତମାନଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ଓ ମନ୍ଦିର ରକ୍ଷଣାବେକ୍ଷଣ ନେଇ ବାରିପଦା ଜଗନ୍ନାଥ ମନ୍ଦିରର ସେବାୟତମାନେ ଦୁଇ ଥର ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ପଦଯାତ୍ରା ପରେ ସେମାନଙ୍କୁ ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକ୍ଷାତ କରି ସମସ୍ତ ଦାବି ପୂରଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି ଦାବି ପୂରଣ ହୋଇ ନାହିଁ। ଅନ୍ୟ ପକ୍ଷେ ରାଜ୍ୟ ସରକାର ବିଭିନ୍ନ ମଠ ମନ୍ଦିର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ଚାଲୁଛନ୍ତି। ହେଲେ ବାରିପଦା ମନ୍ଦିରକୁ ଅନୁଦାନ ଦେଉ ନାହାନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ସେବାୟତମାନେ ବିରୋଧ କରିବା ନେଇ ଗୁଇନ୍ଦା ବିଭାଗ ନିକଟରେ ଖବର ରହିଥିଲା। ଏହା ପରେ ସେବାୟତମାନଙ୍କ ଉଦ୍ଦେଶ୍ୟରେ ଦୀର୍ଘ ୭୦ ବର୍ଷ ହେବ କୌଣସି ପଦକ୍ଷେପ ନେଇ ନ ଥିବା ଦେବୋତ୍ତର ବିଭାଗର ହଠାତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବା ଚର୍ଚ୍ଚା ହେଉଛି। ଏନେଇ ଜିଲା ପ୍ରଶାସନର ମତ ଲୋଡିଥିଲେ ମଧ୍ୟ ମତାମତ ମିଳିପାରିନାହିଁ।



ସେବାୟତମାନଙ୍କୁ ବୀମା ଭୁକ୍ତ କରାଯାଉଥିବା ନେଇ ଜିଲାପାଳ ସୂଚନା ଦେଉଛନ୍ତି।

## ଆଜି ବାରିପଦା ଆସିବେ ମୁଖ୍ୟମନ୍ତ୍ରୀ, ସୁରକ୍ଷା କଡ଼ାକଡ଼ି

**ବାରିପଦା ଅଫିସ,୭।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବାରିପଦା ଗସ୍ତରେ ଆସିବେ। ଏହି ଅବସରରେ ବାରିପଦା ସହର ଉପକଣ୍ଠ ବାଙ୍କିଶୋଳଠାରେ ଆଦାନି-କିସ୍ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବା ସହିତ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ୪୨ ଟି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ଦିନ ୧୧ଟା ୩୦ରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଏଠାରେ ପହଞ୍ଚିବେ। ବ୍ୟାଟେରି କାର ଯୋଗେ ଆବାସିକ ବିଦ୍ୟାଳୟ କ୍ୟାମ୍ପସ ପରିଚାଳନା କରିବା ପରେ ଉଦ୍‌ଘାଟନ ଓ ଶିଳାନ୍ୟାସ କରି ସାଧାରଣ ସଭାରେ ଉଦବୋଧନ ଦେବେ। ମଧ୍ୟାହ୍ନ ୧୨ଟା ୨୦ରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଆଦାନି ଗ୍ରୁପର ଅଧ୍ୟକ୍ଷ ଗୌତମ ଏସ ଆଦାନି ଓ ଆଦାନି ଫାଉଣ୍ଡେସନର ଚେୟାରପର୍ସନ ଡ.ପ୍ରୀତି ଜି ଆଦାନୀ, ଆଦାନିର ସିଇଓ କରନ ଆଦାନି, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ କିସ ଓ କିଟର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ମଧ୍ୟ ଯୋଗଦେବେ। ଏହି ଅବସରରେ କିସ ଶାଖା ପରିସରରେ ଏକ ୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦଘାଟନ କରାଯିବ। କାର୍ଯ୍ୟକ୍ରମକୁ ସଫଳ ଭାବେ ସମାପନ କରିବା ପାଇଁ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨ ଜଣ ଆଡିସନାଲ ଏସପି, ୧୧ ଜଣ ଡିଏସପି, ୨୫ ଜଣ ଇନ୍‌ସପେକ୍ଟର, ୧୦୦ ଜଣ ଏସଆଇ ଓ ଏଏସଆଇ ଏବଂ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଜିଲାପାଳ ବନୀତ ଭରଦ୍ୱାଜ କାର୍ଯ୍ୟକ୍ରମସ୍ଥଳରେ ରହି ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ତେବେ ବୁଧବାର ସର୍ବଭାରତୀୟ ଧର୍ମଘଟ ଥିବାରୁ ଏହି କାର୍ଯ୍ୟକ୍ରମର ସଫଳତାକୁ ନେଇ ଉଭୟ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଚିନ୍ତାରେ ରହିଛି।

## ଦନ୍ତା ପାଇଁ ବିଦ୍ୟୁତ କାଟ୍, ତେଜୁଛି ଅସନ୍ତୋଷ

**ବଡ଼ସାହି,୭।୧(ସ୍ୱ.ପ୍ର)**

ଦୀର୍ଘ ଦିନ ଧରି ଏକ ଦନ୍ତା ପାଇଁ ବଡ଼ସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତ ଅଞ୍ଚଳରେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ନିୟମିତ ବିଦ୍ୟୁତ କାଟ୍ କରାଯାଉଛି। ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଡୁକୁରା ରେଞ୍ଜ କାର୍ଯ୍ୟାଳୟ ଅଧୀନ କାନପୁରା ସଂରକ୍ଷିତ ଜଙ୍ଗଲରେ ଏହି ଝାଡଖଣ୍ଡ ଦନ୍ତା ହାତୀଟି ଉପଦ୍ରବ ଚଳାଇଛି। ଦିନ ବେଳେ ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ନିକଟବର୍ତ୍ତୀ କାନପୁରା, ବେଗୁନିଆବଣି, ବାଲିଚିଲିମା, ପଟିସାରୀ ଓ ବରହମପୁରା ଆଦି ଗ୍ରାମରେ ପଶି ଉପଦ୍ରବ କରୁଛି। ଏଥି ପାଇଁ ଅସନ୍ତୁଷ୍ଟ ଗ୍ରାମବାସୀ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀ କରୁଛନ୍ତି। ଦନ୍ତାଟି ଦିନ ସାରା ଜଙ୍ଗଲରେ ଥାଇ ସନ୍ଧ୍ୟାରେ ବାହାରୁଥିବାରୁ ତାର ସୁରକ୍ଷା ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ବିଦ୍ୟୁତ କାଟ୍ କରାଯାଉଛି। ଫଳରେ ସନ୍ଧ୍ୟାରୁ ସକାଳ ଯାଏଁ ୧୨ଘଣ୍ଟାପର୍ଯ୍ୟନ୍ତ ବିଦ୍ୟୁତ ଅଭାବରୁ ଉପଭୋକ୍ତା ତଥା ଛାତ୍ରୀଛାତ୍ର ହନ୍ତସନ୍ତ ହେଉଛନ୍ତି । ତେନ୍ତୁଳିଗାଁରେ ଥିବା ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଚିତ୍ର ସାହୁ କୁହନ୍ତି, ସ୍କୁଲର ଛାତ୍ରାବାସର ୨ଶହରୁ ଉର୍ଦ୍ଧ୍ୱ ଛାତ୍ର ରହୁଛନ୍ତି। ଆଗକୁ ପରୀକ୍ଷା ଥିବାରୁ ପ୍ରତ୍ୟେକ ରାତିରେ ବିଦ୍ୟୁତ କାଟ୍ ପାଇଁ ସେମାନଙ୍କର ପାଠପଢାରେ ବିଶେଷ ଅସୁବିଧା ହେଉଛି । ପରିଚାଳନା କମିଟିର ସଦସ୍ୟ ଓ ଜଙ୍ଗଲ କମିଟି ସଦସ୍ୟମାନଙ୍କ ସହିତ ମିଶି ମୁଁ ବନବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ବିଭାଗ କର୍ଣ୍ଣପାତ କରୁନାହିଁ ବୋଲି କହିଛନ୍ତି।

## ଖୁରୁଣ୍ଟିଆରେ ଗୋଶାଳାର ଶିଳାନ୍ୟାସ

**ଚିତ୍ରଡା, ୭।୧(ଡ଼ି.ଏନ୍.ଏ.)-**

ମୋରଡ଼ା ବ୍ଲକ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ଖୁରୁଣ୍ଟିଆ ଗ୍ରାମରେ ମଙ୍ଗଳବାର ଏକ ଗୋଶାଳାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ଇଂ.ବିଶେଶ୍ୱର ଟୁଡୁ ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ। ଗୋଶାଳାର ପ୍ରତିଷ୍ଠାତା ପ୍ରଦୀପ କୁମାର ଜେନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଛୋଟଲାଲ ମହାନ୍ତ,ରବୀନ୍ଦ୍ରନାଥ ବେହେରା, ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମର ୩ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କର ବକ୍ତବ୍ୟରେ ଗୋଶାଳାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଶତାଧିକ ଗରିବ ଓ ଅସହାୟ ଲୋକଙ୍କୁ ଏମପି କମ୍ବଳ ବଣ୍ଟନ କରିଥିଲେ।




ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
ବୁଧବାର, ୮ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥଙ୍କ ଜୟନ୍ତୀ



ଖଇରା, ୭।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡିଗଡିଆଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୈଦ୍ୟନାଥ ରାଉତଙ୍କ ୧୦୦ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଉପସଭାପତି ବିଷ୍ଣୁମୋହନ ଶତପଥୀ ସ୍ୱର୍ଗତ ସଂଗ୍ରାମୀଙ୍କ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ପଣ୍ଡା, ଉଦୟ ରାଉତ, ବସନ୍ତ ସାହୁ, ବିରଞ୍ଜନ ଜେନା, ଭାସ୍କର ପାଣିଗ୍ରାହୀ, ଭୀମଚରଣ ରାମ, ଚିତ୍ତରଞ୍ଜନ ଜେନା, କରୁଣାକର ବାରିକ, ସୁଦାମ ଚରଣ ସାହୁ, ଗଙ୍ଗାଧର କବି ତଥା ତୁଳସୀ ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତ କଲେଜ ଜୀବନରୁ ବ୍ରିଟିଶ ଫୌଜଙ୍କ ତଥା ୧୯୪୨ ମସିହା ଆନ୍ଦୋଳନରେ କିଭଳି ସଂଗ୍ରାମର ନେତୃତ୍ୱ ନେଇଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

### କର୍କଟ ରୋଗରେ ସୈନିକଙ୍କ ପରଲୋକ



ବାଲିଆପାଳ, ୭।୧(ସ୍ୱ.ପ୍ର.): ଭାରତୀୟ ସେନାରେ କାର୍ଯ୍ୟରତ ସୈନିକ ବଳରାମ ମାସନ୍ତଙ୍କ କର୍କଟ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ଘର ବାଲିଆପାଳ ବ୍ଲକ ଖାଳମୁହାଣି ଗ୍ରାମରେ। ଖବର ପ୍ରଚାରିତ ହେବା ପରେ ତାଙ୍କର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଖାଳମୁହାଣି ଗ୍ରାମର ଅନନ୍ତ ମାସନ୍ତଙ୍କ ପୁଅ ବଳରାମ ୨୦୧୭ରେ ଭାରତୀୟ ସେନାରେ ଯୋଗଦେଇଥିଲେ। ବଳରାମ ସଫଳତାର ସହିତ ତାଲିମ ଗ୍ରହଣ କରିବା ପରେ ପଶ୍ଚିମବଙ୍ଗର ନ୍ୟୁଜଲପାଇଗୁଡ଼ିରେ ଚାକିରିରେ ଯୋଗଦେଇଥିଲେ। ସେଠାରେ କିଛିମାସ ଚାକିରି କରିବା ପରେ ତାଙ୍କର ଦେହ ଖରାପ ହେବାରୁ ସେ ଚିକିତ୍ସା ପାଇଁ ପୁନେ ମିଲିଟାରୀ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ତାଙ୍କୁ କର୍କଟ ରୋଗ ହୋଇଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ବଳରାମଙ୍କର ମୃତ୍ୟୁ ହୋଇଯାଇଛି। ବୁଧବାର ତାଙ୍କର ମୃତଦେହ ଦିଲ୍ଲୀରୁ ଭୁବନେଶ୍ୱର ପହଞ୍ଚିବ। ସେଠାରୁ ସେନାବାହିନୀ ପକ୍ଷରୁ ସଡ଼କ ଯୋଗେ ନିଜ ଗ୍ରାମ ଖାଳମୁହାଣିକୁ ଅଣାଯିବ ଏବଂ ସେନାବାହିନୀର ନୀତିନିୟମ ଅନୁଯାୟୀ ଶବ ସତ୍କାର କରାଯିବ ବୋଲି କୁହାଯାଇଛି। ସ୍ୱର୍ଗତ ବଳରାମ ତାଙ୍କ ମା'ବାପଙ୍କର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଥିଲେ। ବଳରାମ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସରକାର ତାଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

### ସାହିତ୍ୟିକ ସାରଦାନନ୍ଦନଙ୍କୁ ସମ୍ବର୍ଦ୍ଧନା

ରେମୁଣା, ୭।୧(ଡି.ଏନ.ଏ.): ଶୈକ୍ଷିକ ତଥା ସମାଜସେବା ପାଇଁ ଦୃଷ୍ଟିହୀନ ବିଦ୍ୟାଳୟ ରାଣୀପାଟଣା ବାଲେଶ୍ୱର ତରଫରୁ ସାହିତ୍ୟିକ ସାରଦାନନ୍ଦନ ପାଲିତଙ୍କୁ ଲୁଇବ୍ରେଲଙ୍କ ଜନ୍ମ ଦିବସ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ୪ତାରିଖ ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଆୟୁକ୍ତ ସୁଲୋଚନା ଦାସ ମାନପତ୍ର ଓ ଉପଢୌକନ ଦେଇ ପାଲିତଙ୍କୁ ସମ୍ମାନିତ କରିଥିଲେ। ପାଲିତ ଜଣେ ଶିଶୁ କବିଭାବେ ଜଣାଶୁଣା।

# ରାହା ଯୋଗାଉଛି କୌଳିକ ବୃତ୍ତି



ବାଉଁଶ ସାମଗ୍ରୀ ତିଆରି କରିବାରେ ବ୍ୟସ୍ତ କାରିଗର।

**ହସ୍ତଶିଳ୍ପର ଚାହିଦା ଅଛି, ମିଳୁନି ପ୍ରୋତ୍ସାହନ**

ସନ୍ତୋଷ କୁମାର ନାୟକ
ସିମୁଳିଆ, ୭।୧

ଏବେ ବି ରହିଛି ହସ୍ତଶିଳ୍ପର ଚାହିଦା। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁ ନ ଥିଲେ ମଧ୍ୟ କେତେକ ପରିବାର ଏହି ବୃତ୍ତିକୁ ଆପଣେଇ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ବାଲେଶ୍ୱର ଜିଲା କନ୍ଦଡା ଅଞ୍ଚଳର ୬ଟି ପରିବାର ବର୍ଷତମାମ ବାଉଁଶରୁ କୁଲା, ବୋଝ, ନାଳିଆ, ଖଇଚଲା, ଟପ, ଝୁଡି ଆଦି ବିଭିନ୍ନ ସରଞ୍ଜାମ ତିଆରି କରି ବିକ୍ରି କରୁଛନ୍ତି। ଏହି ସରଞ୍ଜାମ କିଣିବା ପାଇଁ ସେମାନଙ୍କ ନିକଟରେ ଭଦ୍ରକ, ବାଲେଶ୍ୱର, କଟକ ଆଦି ଅଞ୍ଚଳର ବେପାରୀମାନଙ୍କ ଭିଡ ଲାଗେ। ଏହାବ୍ୟତୀତ ଲୋକମାନଙ୍କର ଅର୍ଡର ମୁତାବକ ସେମାନେ ସରଞ୍ଜାମ ତିଆରି କରନ୍ତି। ଜାଲି, ପାଛିଆ, କୁଲାଗୁଡ଼ିକୁ ସାଇକେଲରେ ବୋଝେଇ କରି ଗାଁ ଗାଁ ବୁଲି ବିକ୍ରି କରି ଥାଆନ୍ତି। ଗାଁକୁ ଗଲେ ତାଙ୍କ ସାମଗ୍ରୀ କେବେ ଫେରେ ନାହିଁ। ତେଣୁ କୌଳିକ ବୃତ୍ତିକୁ ଆପଣେଇଥିବା ଯୋଗୁ ତାଙ୍କ ପରିବାରର ପେଟ କେବେ ଅପୋଷା ରହୁ ନ ଥିବା କହନ୍ତି ଜଗବନ୍ଧୁ ଜେନା।

ଜଗବନ୍ଧୁ କୁହନ୍ତି ପରିବାରରେ ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ସେ ଆଦୌ ପାଠ ପଢ଼ି ପାରିନାହାନ୍ତି। ୧୦ବର୍ଷ ବୟସରୁ ସେ ନିଜ ବାପାଙ୍କ ନିକଟରୁ ବାଉଁଶ ସାମଗ୍ରୀ ତିଆରି କରିବା ଶିକ୍ଷା ଆରମ୍ଭ କରିଥିଲେ। ସେ ମାସକୁ ଏଥିରୁ ୧୫ରୁ ୨୦ହଜାର ଟଙ୍କା ଆୟ କରୁଛନ୍ତି। ସ୍ତ୍ରୀ ଚୁମୁକିଙ୍କ ସହିତ ଦୁଇ ଝିଅ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ସଂସାର। ଚାଷଜମି ଆଦୌ ନ ଥିବାରୁ କୌଳିକ ବୃତ୍ତିକୁ ଆପଣେଇ ସେ ପରିବାର ପୋଷଣ କରୁଛନ୍ତି। ତାଙ୍କର ଅନ୍ୟ ୬ ଭଉଣୀ ଭାଇଙ୍କ ମଧ୍ୟରୁ ୩ଜଣ ମଧ୍ୟ ଏହି ବୃତ୍ତିକୁ ଅପଣେଇ ଥିବା ସେ କୁହନ୍ତି।

ବାଉଁଶ ସାମଗ୍ରୀ ତିଆରି ପାଇଁ ବାଡ଼ିଆ କିସମର ବାଉଁଶ ହିଁ ଆବଶ୍ୟକ ପଡ଼ିଥାଏ। ଗାଁରୁ ସେ ଗୋଟା ବାଉଁଶ ପ୍ରତି ୪୦ରୁ ୫୦ଟଙ୍କା ଦରରେ କିଣି ଥାଆନ୍ତି। ଏଥିରୁ ପ୍ରସ୍ତୁତି କୁଲା ୭୦, ବୋଝ ୨ଶହ, ଝୁଡି ୨ଶହ, ନଳିଆ ୫୦, ଖଇଚଲା ୧୫୦ଟଙ୍କାରେ ବିକ୍ରି କରିଥାଆନ୍ତି। ବେପାରି ନେଲେ ୨ ଟଙ୍କା କମ୍ ଦେଇଥାଆନ୍ତି। ଏହି ବୃତ୍ତି ପାଇଁ ତାଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ତେବେ ଏହି ବୃତ୍ତିକୁ କୁଟୀରଶିଳ୍ପ ରୂପେ ଗ୍ରହଣ କରି ଜଣେ ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଜଗବନ୍ଧୁ କୁହନ୍ତି।

### ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

ରେମୁଣା, ୭।୧(ଡି.ଏନ.ଏ.): ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଜାତୀୟ ରାଜପଥର ନୂଆଗାଁ ନିକଟରେ ମଙ୍ଗଳବାର ଅପରାହ୍ନ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ହେଲେ ଜଳେଶ୍ୱର ପଥରପୁରା ଗାଁର ଅଜିତ ସାହୁ (୨୪)। ଗୁରତର ଯୁବକ ହେଲେ ଜଳେଶ୍ୱର ଷ୍ଟେଶନ ବଜାର ଅଞ୍ଚଳର ଦିବ୍ୟରଞ୍ଜନ ପଣ୍ଡା। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଫେରାର ହୋଇଯାଇଛି। ଏକ ସ୍କୁଟି (ନଂ. ଓଡି୦୧ଏକ୍ସ-୫୬୪୯)ରେ ଦୁଇଜଣ ଯୁବକ ବାଲେଶ୍ୱରରୁ ନିଜ ଘର ଜଳେଶ୍ୱର ଅଭିମୁଖେ ଯାଉଥିବାବେଳେ ନୂଆଗାଁ ନିକଟରେ ବୁଲୁଥିବା ଜଣେ ବୃଦ୍ଧ ରାସ୍ତା ଉପରକୁ ଚାଲି ଆସିଥିଲେ। ବୃଦ୍ଧଙ୍କୁ ସାଇଡ଼ ଦେବାକୁ ଯାଇ ସ୍କୁଟି ଚଳାଉଥିବା ଯୁବକ ରାସ୍ତା ଉପରକୁ ଚାଲିଆସିବାରୁ ପଛରୁ ଆସୁଥିବା ଟ୍ରକ୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ପୋଲିସ ପହଞ୍ଚି ବୃଦ୍ଧଙ୍କ ସମେତ ମୃତ ଓ ଆହତ ଯୁବକଙ୍କୁ ବାଲେଶ୍ୱର ଡାକ୍ତରଖାନା ନେଇଥିଲା।

■ ରୌପ୍ୟଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ

## 'ଆଦର୍ଶ ଶିକ୍ଷକ ହିଁ ଗଢ଼ିପାରିବେ ଆଦର୍ଶ ଛାତ୍ରୀଛାତ୍ର'

**ନୀଳଗିରି ମହିଳା ମହାବିଦ୍ୟାଳୟ**

ସଜନାଗଡ଼, ୭।୧(ଡି.ଏନ.ଏ.)



ରୌପ୍ୟଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଉପସ୍ଥିତ ଅତିଥି।

ନୀଳଗିରି ମହିଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହରେ ଦ୍ୱିତୀୟ ଦିବସରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ସାଧାରଣ ଉଦ୍ୟୋଗ, ସମାଜିକ ନିରାପତ୍ତା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର ସମାଜରେ ଜଣେ ଆଦର୍ଶ ମାତା, ଆଦର୍ଶ ପିତା ଏବଂ ଆଦର୍ଶ ଶିକ୍ଷକ ଥିଲେ ଉକ୍ତ ଶିକ୍ଷାନୁଷ୍ଠାନରୁ ଆଦର୍ଶ ଛାତ୍ରୀଛାତ୍ର ବାହାରିପାରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲାସ୍ଥିତ ଶୃତିନ୍ୟାସ ବେଦପୀଠର ଅଧକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ସମ୍ପାଦକ କବି କାଳୀପଦ ପଣ୍ଡା ଯୋଗଦେଇ ଏକ ଭଲ ରାଷ୍ଟ୍ର ଗଠନ ପାଇଁ ଉତ୍ତମ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଶିକ୍ଷଣୀୟ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ କଲେଜର ପୂର୍ବତନ ସଦସ୍ୟ ରତ୍ନାକର ବେହେରା, ସଦାଶିବ ରଥ, ପୂର୍ବତନ ଅଧକ୍ଷା ମମତା ବରାଳ, ଯୁକ୍ତ ୩ର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା, ଯୁକ୍ତ ୨ ଅଧକ୍ଷା କାର୍ତ୍ତିକ ଚନ୍ଦ୍ର ସାହୁ ମଞ୍ଚାସୀନ ବକ୍ତବ୍ୟ ରଖିଥିଲେ। ମହିଳା କଲେଜର ପ୍ରାଣପ୍ରତିଷ୍ଠାତ ଇଂ. ଦୀପ୍ତିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ପ୍ରଦୀପ ମିଶ୍ର ଅତିଥି ପରିଚୟ ନିଆରା ଢ଼ଙ୍ଗରେ ପ୍ରଦାନ କରିଥିଲେ। ଭାସ୍କର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଗ୍ରାନ୍ଥଗାରୀକ ଭାସ୍କର ବିଶ୍ୱାଳ ନିର୍ଦ୍ଦେଶନାରେ ରାମଲୀଳା ଗୀତନାଟ୍ୟ ମଞ୍ଚସ୍ଥ ହୋଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା। ଅନ୍ୟପକ୍ଷରେ ମହାବିଦ୍ୟାଳୟରେ ପୁରାତନ ଛାତ୍ରୀ ଏହି ବିଦ୍ୟାଳୟରେ ଯୋଗଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଅକୁଣ୍ଠିତ ସହଯୋଗ ଯୋଗାଇ ଦେଇଥିଲେ। ପରେ କଲେଜ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

### ସରକାରୀ ଚାଉଳ ଜବତ ଘଟଣାର ତଦନ୍ତ ଦାବି

## ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ତିହିଡ଼ି, ୭।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟକୁ ମଙ୍ଗଳବାର ଭାଜପା ପକ୍ଷରୁ ଘେରାଉ କରାଯିବା ସହ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଛି। ଜବତ ହୋଇଥିବା ସରକାରୀ ଚାଉଳ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଆନ୍ଦୋଳନ କରାଯାଇଛି।

ତିହିଡ଼ି ବଜାରସ୍ଥିତ ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରୁ ୨ଟି ଟ୍ରକରେ ବୋଝେଇ ହୋଇଥିବା ସରକାରୀ ଚାଉଳକୁ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଅଟକ ରଖିଥିଲେ। ବିଭିନ୍ନ ଅଧିକାରୀଙ୍କ ଯାଞ୍ଚ ପରେ ଚାଉଳକୁ ଜବତ କରାଯାଇ ଥାନାରେ ରଖାଯାଇଥିଲା। ଯାଞ୍ଚ ସମୟରେ ସେହି ବ୍ୟକ୍ତିଙ୍କ ଘରେ ପୂର୍ବରୁ ମଧ୍ୟ ସରକାରୀ ଚାଉଳ ମହଜୁଦ ଥିବା ଜଣାଯାଇଥିଲା। ପରେ ସେହି ଘରକୁ ସିଲ୍ କରି ଦିଆଯାଇଥିଲା। ତେବେ ଘଟଣାର ୩ଦିନ ବିତିଯାଇଥିଲେ ମଧ୍ୟ ଚାଉଳକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଭାଜପା ପକ୍ଷରୁ ଦାବି ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ମଧ୍ୟାହ୍ନରେ ବାଇକ୍ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିବା ସହ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ପଣ୍ଡାଙ୍କୁ ଭେଟିଥିଲେ। ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ ଦର୍ଶାଇଥିଲେ ଯେ ସିଡିପିଓ ଇନ୍ଦୁରେଖା ନାୟକ ଚାଉଳ ଶିଶୁ ବିକାଶ ଯୋଜନାର ବୋଲି କହିସାରିଥିଲେ ମଧ୍ୟ ପ୍ରଶାସନ କାହିଁକି ସ୍ପଷ୍ଟୀକରଣ ଦେଉନାହିଁ। ଚାଉଳ ସିଧାସଳଖ ଆସି ଅଙ୍ଗନୱାଡ଼ି କେନ୍ଦ୍ରରେ ବଣ୍ଟନ ହେବା କଥା ଏବଂ ବଳକା ଚାଉଳ ସରକାରୀ ଅଧିକାରୀଙ୍କ ଦାୟିତ୍ୱରେ ରହିବା ନିୟମ ଥିଲେ ମଧ୍ୟ ବ୍ୟକ୍ତିଗତ ଜାଗାରେ ଚାଉଳ କାହିଁକି ରଖାଯାଇଥିଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଭାରପ୍ରାପ୍ତ ବିଡିଓ ପଣ୍ଡା କହିଥିଲେ ଯେ, ଜିଲାସ୍ତରରେ ୫ ଜଣିଆ କମିଟି ଗଠନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କମିଟି ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ପରେ ଦଳର ନେତାମାନେ ଆଇଆଇସି ରମେଶ ଚନ୍ଦ୍ର ସିଂଙ୍କୁ ଭେଟିଥିଲେ ଏବଂ ସେଠାରୁ ଫେରି ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ମଣ୍ଡଳ ସଭାପତି ପ୍ରଦୀପ ବଳ, ରାଜାରାମ ମହାକୁଡ଼, ଉମାକାନ୍ତ ଦାସ, ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, ଶଶିକାନ୍ତ ବିଶ୍ୱାଳ, ଶୁଭ୍ରନାରାୟଣ ସେଠୀ, ଭରତ ଚନ୍ଦ୍ର ସାହୁ, ସଂଗ୍ରାମ ମହାନ୍ତି, ରାଜକିଶୋର ନାୟକ ପ୍ରମୁଖ ଘେରାଉର ନେତୃତ୍ୱ ନେଇଛନ୍ତି।

■ ବଜରଙ୍ଗୀ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

## ବାଲେଶ୍ୱର ସଦର ଚାମ୍ପିୟନ

ଖଇରା, ୭।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର କଲେଜ ପଡିଆରେ ରବିବାର ବଜରଙ୍ଗୀ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବାଲେଶ୍ୱର ସଦର ଯାଜପୁର ଟାଉନକୁ ୩ -୨ସେଟରେ ପରାସ୍ତ କରିଛି। ଭୋଳାନାଥ ଧଳ ଓ ଆଶିଷ ଜେନା ଟୁର୍ନାମେଣ୍ଟରେ ରେଫେରୀ ଦାୟିତ୍ୱ ତୁଲାଇଥିଲେ। ସରପଞ୍ଚ ସସ୍ମିତା ପଟ୍ଟନାୟକ ମ୍ୟାଚ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ବାଲେଶ୍ୱର ଦଳକୁ ସିଲ୍ଡ ପ୍ରଦାନ କରିଥିଲେ। ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ଦାସ, ୬ନଂ. ଜୋନ ଜିଲା ପରିଷଦ ସଦସ୍ୟ ସୁଷମା ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ହରେନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ବନମାଳୀ ଘଡେଇ, ସଭ୍ୟ କୁଳମଣି ଖିଲାର, ପବିତ୍ର ସାହୁ, ମହେନ୍ଦ୍ର ପ୍ରସାଦ ଦାସ, ଗଜେନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିପଦ ଭଞ୍ଜନ ଖିଲାର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଆରମ୍ଭ

ଜଳେଶ୍ୱର, ୭।୧(ସ୍ୱ.ପ୍ର.): ଜଳେଶ୍ୱର ବ୍ଲକ ପଶ୍ଚିମବାଡ଼ ଗ୍ରାମରେ ତଥା ସୁବର୍ଣ୍ଣରେଖା ନଦୀକୂଳରେ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି ଉପାନ୍ତରେ ମହୋତ୍ସବର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ସବ୍‌ଜେଲର୍ ଅନୁସୂୟା ଷଡଙ୍ଗୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ସାହୁ ଯୋଗ ଦେଇଥିଲେ।

### ପଥର ବୋଝେଇ ୮ ଡମ୍ଫର ଜବତ

ଜଳେଶ୍ୱର, ୭।୧(ଡି.ଏନ.ଏ.): ଜଳେଶ୍ୱର ବ୍ଲକ ମାକିଡ଼ିଆଠାରେ ସୁବର୍ଣ୍ଣରେଖା ନଦୀରେ ନିର୍ମାଣାଧୀନ ସ୍ପର ଓ ପଥର ପ୍ୟାକିଂ ପାଇଁ ଆସୁଥିବା ବଡ଼ ବଡ଼ ବୋଲଡ଼ର ବୋଝେଇ ୮ ଡମ୍ଫରକୁ ସୋମବାର ରାତିରେ ରାଇବଣିଆ ଥାନା ନିକଟରେ ଓଲମରା ଆର୍‌ଆଇଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। ଗାଡ଼ି ଡ୍ରାଇଭର କାଗଜପତ୍ର ଦେଖାଇ ନ ପାରିବାରୁ ମଙ୍ଗଳବାର ଜଳେଶ୍ୱର ଅତିରିକ୍ତ ତହସିଲଦାର କ୍ଷୀରୋଦ ପଣ୍ଡା ଥାନାରେ ପହଞ୍ଚି ଡମ୍ଫର ଜବତ କରିଛନ୍ତି।



ଜବତ ଡମ୍ଫର

### ପୋଖରୀରେ ବୁଡି ଶିଶୁ ମୃତ

ବସ୍ତା, ୭।୧(ଡି.ଏନ.ଏ.)

ସିଂଲା ଥାନା କଇନଗରୀ ପଞ୍ଚାୟତର ଡୁବୁଲିଆ ଗ୍ରାମରେ ପାଣିରେ ବୁଡିଯାଇ ଜଣେ ଶିଶୁ ପୁତ୍ରର ମୃତ୍ୟୁ ହୋଇଛି। ଶମ୍ଭୁନାଥ ଦାସଙ୍କ ୩ ବର୍ଷର ପୁଅ ତାଙ୍କ ଘରପାଖ ଗାଡିଆରେ ମଙ୍ଗଳବାର ବୁଡିଯାଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନେଇ ଆସିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

## ଖଇରାର ଗୌରବ ଅବିନାଶ

ଖଇରା, ୭।୧(ଡି.ଏନ.ଏ.)



ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଅବିନାଶ ଦଳେଇ ଓଡିଶା ପ୍ରଶାସନିକ ସେବା(ଓଏଏସ)ରେ ୧୭୧ନମ୍ବର ସ୍ଥାନରେ ରହି ଖଇରା ପାଇଁ ଗୌରବ ଆଣିଦେଇଛନ୍ତି। ସୋମବାର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବାପା ଭଗବାନ ଦଳେଇ ଓ ମା ପ୍ରମିଳାଙ୍କ ବଡ ପୁଅ ଅବିନାଶ ଖଡଗପୁରରେ ଆଇଆଇଟି ଶେଷ କରିବା ପରେ ଗୁଜରାଟରେ ରିଲାଏନ୍ସ କମ୍ପାନୀରେ ୨୦୧୩ରେ ଯୋଗ ଦେଇଥିଲେ। ପରେ ଗେଟ୍ କ୍ୱାଲିଫାଏ କରି ବମ୍ବେର ବିପିସିଏଲ(ଭାରତ ପେଟ୍ରୋଲିୟମ କର୍ପୋରେଶନ)ରେ ଯୋଗଦାନ କରିବା ସହ ସେଠାରେ ଏବେ କାର୍ଯ୍ୟରତ। ଅଲିପୁର ପ୍ରାଥମିକ ବିଦ୍ୟାଳୟ, ଅଲିପୁର ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ଏବଂ ପରେ ମହମ୍ମଦପୁର ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଅତିକ୍ରମ କରି ଚାଲିଛନ୍ତି। ସେ କୁହନ୍ତି, ଏବେ ତାଙ୍କୁ କମ୍ପାନୀରେ ୧୨ଘଣ୍ଟା ପର୍ଯ୍ୟନ୍ତ ଡ୍ୟୁଟି କରିବାକୁ ପଡୁଛି। ତାହା ପୁଣି ରୋଟେଶନରେ। ଯେଉଁ ସପ୍ତାହରେ ନାଇଟ ଶଫ୍ଟରେ କାର୍ଯ୍ୟ କରିବାକୁ ହୁଏ ତା'ପର ଦିନ ସକାଳେ ତାଙ୍କୁ ପଢିବା ପାଇଁ କିଛି ସମୟ ମିଳିଯାଏ। ପରୀକ୍ଷା ଦେବା ପାଇଁ ଭୁବନେଶ୍ୱର ଆସିବା ପାଇଁ କମ୍ପାନୀ ଛୁଟି ଦେବାକୁ ରାଜି ନ ହେବାରୁ ସେ ଓଏଏସ ପରୀକ୍ଷା ଦେବେ ନାହିଁ ବୋଲି ମନସ୍ଥ କରିଥିଲେ। ହେଲେ ତାଙ୍କର ଜଣେ ମଉସା ସନ୍ଦୀପ ପରିଡାଙ୍କ ନିର୍ଦ୍ଦେଶ ପରେ ସେ ପରୀକ୍ଷା ଦେବାକୁ ଆସିଥିଲେ। ଏହି ସଫଳତାର ଶ୍ରେୟ ସେ ତାଙ୍କ ମଉସା, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଲିପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ମା' ପ୍ରମିଳାଙ୍କ ଆଶୀର୍ବାଦ ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇଛି ବୋଲି କହିଛନ୍ତି। ଆଗକୁ ଭାରତୀୟ ପ୍ରଶାସନିକ ସେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ହେଉଥିବା କହିଛନ୍ତି।

# ଜିଲାସ୍ତରୀୟ ନିଯୁକ୍ତି ମେଳା

ବାଲେଶ୍ୱର ଅଫିସ, ୭।୧



ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଉପସ୍ଥିତ ଅତିଥି।

- ଯୋଗଦେଲେ ୩୦ ସଂସ୍ଥା
- ୧୧୨୭ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ
- ୪୮୫ ପ୍ରତ୍ୟକ୍ଷ ଓ ୪୩୭ଜଣଙ୍କୁ ତାଲିମ ପରେ ନିଯୁକ୍ତି

ବାଲେଶ୍ୱର ଜିଲା ରେମୁଣା ବାମପଦାସ୍ଥିତ ନୋସି ବିଜନେସ ପାର୍କଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ନିଯୁକ୍ତି ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ମେଳାରେ ଜିଲାର ୧୨ଟି ବ୍ଲକର ୧୧୨୭ଜଣ ଯୁବତୀଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୪୮୫ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଓ ୪୩୭ଜଣଙ୍କୁ ତାଲିମ ପରେ ନିଯୁକ୍ତି ଏହିପରି ଭାବେ ମୋଟ ୯୨୨ଜଣଙ୍କୁ ମନୋନୀତ କରାଯାଇଥିଲା। ମୋଟ ୧୯ଟି ପ୍ରତ୍ୟକ୍ଷ ନିଯୁକ୍ତିକାରୀ ସଂସ୍ଥା ଓ ୧୧ଟି ଟ୍ରେନିଂ ପାର୍ଟନର ଅଂଶଗ୍ରହଣ କରିଥିଲେ।

ଜିଲା ନିୟୋଜନ ଅଧିକାରୀ ନିମାଇଁ ଚରଣ ମହାନ୍ତି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା ଉଦ୍‌ଘାଟନ କରି ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତିର ପ୍ରଭୂତ ସୁଯୋଗ ରହିଥିବା ବେଳେ ସେଥିପାଇଁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପଖୁଆଇ ଯୁବତୀଯୁବକମାନେ ନୂତନ ଦକ୍ଷତା ହାସଲ କରିବା ସହ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ। ବିଭିନ୍ନ କାରଣରୁ ନିଜର ପାଠପଢ଼ା ସମ୍ପୂର୍ଣ୍ଣ କରିପାରି ନ ଥିବା ଯୁବତୀଯୁବକମାନଙ୍କୁ ମାଗଣାରେ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ଓ ନିଯୁକ୍ତି ପ୍ରଦାନ ଲାଗି ଏହି ମେଳା ମାଧ୍ୟମରେ ଯେଉଁ ପ୍ରୟାସ କରାଯାଉଛି ତାହାର ଲାଭ ଉଠାଇବା ଲାଗି ସେ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ଏଥିରେ ଯୋଗଦେଇ ନିଯୁକ୍ତି ମେଳାର ଆଭିମୁଖ୍ୟ ଉପରେ ଆଲୋକପାତ କରି ନିଯୁକ୍ତି ମେଳାରେ ଭାଗ ନେବାକୁ ଆସିଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀମାନଙ୍କର ସଫଳତା ନିମନ୍ତେ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ମଣିଷ ନିଜେ ବଞ୍ଚି ପରିବାରକୁ ବଞ୍ଚାଇବା ପାଇଁ ଆୟ ପନ୍ଥା ନିହାତି ଆବଶ୍ୟକ ତେଣୁ ନିଜକୁ ଯେତେ ଉପଯୁକ୍ତ କରିପାରିବେ ସେତିକି ଉପାର୍ଜନକ୍ଷମ ହୋଇପାରିବେ ବୋଲି କହିବା ସହ ଏହି ମେଳାର ଲାଭ ଉଠାଇବାକୁ ଯୁବତୀଯୁବକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଯୁକ୍ତି ମେଳାରୁ କର୍ମ ସଂସ୍ଥାନ ପାଇ ସଫଳତା ହାସଲ କରିଥିବା ଦୁଇ ଯୁବ ରୋଲ ମଡ଼େଲ ଅଜିତ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ବେହେରା ତାଙ୍କ ଅଭିଜ୍ଞତା ବଖାଣିଥିଲେ। ପରେ ତାଙ୍କୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଯୁକ୍ତି ମେଳା ଲାଗି ଜିଲାର ସମସ୍ତ ବ୍ଲକ ସମେତ ଅନ୍ୟାନ୍ୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ନିଯୁକ୍ତି ମେଳା ପରିଚାଳନା ଏବଂ ଆଇନ ଶୃଙ୍ଖଳାକୁ ବ୍ୟବସ୍ଥିତ କରିବା ପାଇଁ ଜିଲାପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜାନୁୟାରୀ ୮/୨୦୨୦ Balasore, Wednesday, January 8/2020

## ସଂକ୍ଷେପରେ

### ଜାତିଗତ ପ୍ରମାଣପତ୍ରରେ ଅନିୟମିତତା
## ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

**ବନ୍ତ, ୭।୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ତୋଫାବିବି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ରାଉତରାପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନିତାରାଣୀ ସେଠୀଙ୍କର ଜାତିଗତ ପ୍ରମାଣପତ୍ରରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଡିସେମ୍ବର ମାସଠାରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କର ଦରମା ବନ୍ଦ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୦୫ରେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ। ସେତେବେଳେ ସେ ଅନୁସୂଚିତ ଜାତି(ରାଢ଼ି) ବର୍ଗର ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅପରପକ୍ଷେ ଗତ ୨୦୦୦ଠାରୁ ସରକାରଙ୍କ ନିୟମ ଅନୁଯାୟୀ ରାଢ଼ି ଜାତି ସାଧାରଣ ବର୍ଗରେ ପରିଣତ ହୋଇଥିବା ବେଳେ କିପରି ସମ୍ପୃକ୍ତ ଶିକ୍ଷୟିତ୍ରୀ ଉକ୍ତ ପ୍ରମାଣପତ୍ରରେ ନିଯୁକ୍ତି ପାଇଲେ ସେ ସମ୍ପର୍କରେ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଉକ୍ତ ପ୍ରମାଣପତ୍ର ସାଧାରଣ ବର୍ଗର ବୋଲି ସୂଚନା ଅଧିକାର ତଥ୍ୟରୁ ଜଣାପଡିବା ପରେ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଜାତିଗତ ପ୍ରମାଣପତ୍ର ତଥ୍ୟ ମଗାଇଥିଲେ। ପ୍ରମାଣପତ୍ରରେ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ବ୍ଲକ ଶିକ୍ଷାଧିକାରୀ ପ୍ରାଥମିକ ପର୍ଯ୍ୟାୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିଛନ୍ତି। ସବିଶେଷ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମିଶ୍ର କହିଛନ୍ତି।

## ହାତୀ ଶାବକ ଜନ୍ମ, ଗ୍ରାମବାସୀ ଭୟଭୀତ

**ବାଙ୍ଗିରିପୋଷି,୭।୧(ଡ଼ି.ଏନ୍.ଏ.):** ବାଙ୍ଗିରିପୋଷି ବନାଞ୍ଚଳ ଅନ୍ତର୍ଗତ ବଣକାଟି ଓ ଗୋଲାମୁଣ୍ଡାକଟା ଆଦି ୪ଟି ପଞ୍ଚାୟତରେ ହାତୀପଲ ଉପଦ୍ରବ ଚଳାଇ ବିପୁଳ ଫସଲ ନଷ୍ଟ କରିଛନ୍ତି। ତେବେ ଏହି ହାତୀ ପଲ ମଧ୍ୟରୁ ଏକ ମାଈ ହାତୀ ଗୋଟିଏ ଶାବକ ଜନ୍ମ ଦେଇଥିବାରୁ ସ୍ଥାନୀୟ ଜୁନା ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ହାତୀ ଶାବକ ଦେଖିବାକୁ ଗ୍ରାମବାସୀ ଯିବା ସମୟରେ ସେଠାରେ ଥିବା ଏକ ଦନ୍ତା ସେମାନଙ୍କୁ ଆକ୍ରମଣ କରିବା ପାଇଁ ଗୋଡାଇଥିଲା। ପରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଲୋକମାନଙ୍କୁ ସେଠାକୁ ନ ଯିବା ପାଇଁ ବାରଣ କରିଥିଲେ। ଅନ୍ୟପକ୍ଷେ ମାଈହାତୀ ପିଲା ଜନ୍ମ ପରେ ତାର ଫୁଲକୁ କେହି ଚୋରି କରି ନେଇଥିଲା। ଖୋଜାଖୋଜି ପରେ ନିକଟସ୍ଥ ବୁଦା ମୂଳରୁ ବନ କର୍ମଚାରୀମାନେ ତାହାକୁ ଉଦ୍ଧାର କରିଥିଲେ। ଏହି ହାତୀପଲଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରହିଥିବା ବନାଞ୍ଚଳ ଅଧିକାରୀ ତପନ କୁମାର ଦାସ କହିଛନ୍ତି।

# ନିଆଁରେ ପୋଡ଼ିହୋଇ ମହିଳା ମୃତ

- ୫ମାସର ଗର୍ଭବତୀ ଥିଲେ
- ହତ୍ୟା ଅଭିଯୋଗ ଆଣିଲେ ମା'

**ଝୁମ୍ପୁରା ୭।୧ ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମ ମହାନ୍ତ ସାହିରେ ପାରିବାରିକ କଳହକୁ କେନ୍ଦ୍ର କରି ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ନିଆଁରେ ପୋଡ଼ି ହୋଇ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲିନାରାଣୀ ମହାନ୍ତ (୨୨ବର୍ଷ)। ସେ ନିଜ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବା ବେଳେ ମୃତକଙ୍କ ମା' ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଦର୍ଶାଇ ଥାନାରେ ଏତଲା ଦେଇଛନ୍ତି। ଏହି ଅଭିଯୋଗ ପରେ ଝୁମ୍ପୁରା ପୋଲିସ ତନାଘନା ଚଳାଇଛି। ଉକ୍ତ ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇପାରି ନ ଥିବା ପୋଲିସ କହିଛି। ଯୌତୁକ ପାଇଁ ତାଙ୍କ ଝିଅକୁ ଶାଶୁଘର ଲୋକେ ମିଶି ପୋଡ଼ି ଦେଇଥିବା ଲିନାଙ୍କ ମା'ଦମୟନ୍ତୀ ମହାନ୍ତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଚମ୍ପୁଆ ଥାନା ଅନ୍ତର୍ଗତ ରାଇଗୁଡି ଗ୍ରାମର ଲିନା ମହାନ୍ତଙ୍କ ସହିତ ଅର୍ଶଳା ଗ୍ରାମର କୁନାଲ ମହାନ୍ତଙ୍କ ବିବାହ ୯ମାସ ପୂର୍ବରୁ ହୋଇଥିଲା। ସେ ୫ମାସର ଗର୍ଭବତୀ ଥିଲେ। ସୋମବାର ରାତିରେ ପାରିବାରିକ କଳହ ଯୋଗୁ ସେ କବାଟ ବନ୍ଦ କରି ଘରେ ଶୋଇଥିଲେ। ଏହାର କିଛି ସମୟ ପରେ ଘର ଭିତରେ ନିଆଁ ଜଳୁଥିବା ଦେଖାଯାଇଥିଲା। ଗ୍ରାମବାସୀ କବାଟ ଭାଙ୍ଗି ଘରେ ପଶିବା ବେଳକୁ ଲିନାଙ୍କ ଶରୀର ୭୦ ପ୍ରତିଶତ ଜଳି ଯାଇଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଝୁମ୍ପୁରା ଥାନାକୁ ଖବର ଦିଆଯାଇଥିଲା। ଲୀନାଙ୍କ ବାପଘରକୁ ଖବର ଦିଆଯିବା ପରେ ମଧ୍ୟାହ୍ନରେ ତାଙ୍କ ମା' ଏବଂ ଭାଇ ଆସି ଝୁମ୍ପୁରା ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ ୬/୨୦୨୦) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଛି। ଥାନାଧିକାରୀ ବିରଞ୍ଚି ବାଗଙ୍କ ସହିତ ପୋଲିସ କର୍ମଚାରୀ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସେନିଆ ତିର୍କି ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଡିଆରଏମ୍‌ଙ୍କ ରୂପ୍‌ସା ଜଙ୍କଶନ ପରିଦର୍ଶନ
## ୧୦ରେ ଆସିବେ ଜେନେରାଲ ମ୍ୟାନେଜର

**ରୂପ୍‌ସା, ୭।୧(ଡି.ଏନ.ଏ.)**


ଡିଆରଏମ ମନୋରଞ୍ଜନ ପ୍ରଧାନ ଫୁଟ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି।

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନର ରେଳବାଇ ମ୍ୟାନେଜର (ଡିଆରଏମ୍) ମନୋରଞ୍ଜନ ପ୍ରଧାନ ମଙ୍ଗଳବାର ତୃତୀୟଥର ପାଇଁ ବାଲେଶ୍ୱର ଜିଲା ଅଧିନ ରୂପ୍‌ସା ରେଳ ଜଙ୍କଶନ ପରିଦର୍ଶନ କରିଛନ୍ତି। ଆସନ୍ତା ୧୦ ତାରିଖରେ ରେଳପଥର ଜେନେରାଲ ମ୍ୟାନେଜର ଏସ୍.କେ. ମହାନ୍ତି ଏହି ଜଙ୍କଶନକୁ ପରିଦର୍ଶନରେ ଆସିବା କାର୍ଯ୍ୟକ୍ରମ ଥିବାରୁ ଡିଆରଏମ୍ ବାରମ୍ବାର ଆସି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତ। ନିର୍ମାଣାଧିନ ଫୁଟ ଓଭରବ୍ରିଜ ସମ୍ପ୍ରସାରଣ କାର୍ଯ୍ୟ, ଯାତ୍ରୀ ପ୍ରତୀକ୍ଷାଳୟ, ପ୍ଲାଟଫର୍ମର ପରିଷ୍କାର ପରିଚ୍ଛନ୍ନତା, ଟିକେଟ କାଉଣ୍ଟର, ଶୌଚାଳୟ ଆଦି ବୁଲି ଦେଖିଥିଲେ। ଷ୍ଟେଶନର ସାମଗ୍ରିକ ଉନ୍ନତିକରଣ କାର୍ଯ୍ୟ ତଦାରଖ କରିଥିଲେ। ରୂପ୍‌ସା-ବାଙ୍ଗିରିପୋଷି ନୂତନ ରେଳ ଲାଇନ କାର୍ଯ୍ୟ ପରିଦର୍ଶନ କରି ବାଙ୍ଗିରିପୋଷିରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଫେରି ରୂପ୍‌ସାରେ ଅପରାହ୍ନ ସାଢ଼େ ୪ଟାରେ ପହଞ୍ଚିଥିଲେ। ଦୀର୍ଘ ୩୦ମିନିଟ୍ ସେ ଜଙ୍କଶନରେ ରହି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଷ୍ଟେସନ ମ୍ୟାନେଜର ମେଘରାୟ ହାଁସଦା, ଆରପିଏଫ୍ ଆଇଆଇସି ଜଗଦାନନ୍ଦ ମହାପାତ୍ର, ଏଏସ୍‌ଆଇ ଏସ୍. ପାତ୍ରଙ୍କ ସମେତ ରେଳବାଇ ଥାନା ପୋଲିସ ଉପସ୍ଥିତ ଥିଲେ। ପୂର୍ବରୁ ଡିଆରଏମ୍ ଗତ ନଭେମ୍ବର ୨୮ ଓ ଡିସେମ୍ବର ୨୮ରେ ଷ୍ଟେଶନ ପରିଦର୍ଶନ କରିଥିଲେ।

### ଆବାସ ଯୋଜନାରେ ଦୁର୍ନୀତି ମାମଲା
## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ପଦ୍ମପୁର, ୭।୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତର ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ଚାକିରିରୁ ନିଲମ୍ବନ କରିଛନ୍ତି। ଏହି ପଞ୍ଚାୟତରେ ଦୁର୍ନୀତି ହୋଇଥିବା ନେଇ ଜିଲା ପ୍ରଶାସନ ତରଫରୁ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ପିଡିଓଆର୍‌ଡିଏ ମଧୁସୂଦନ ଦାସ ୧ ତାରିଖରେ ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳଙ୍କୁ ସୁପାରିସ କରିଥିଲେ। ଜିଲାପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖାଡ଼େଶ୍ୱର ଜେନାଙ୍କୁ ଚିଠି ନଂ. ୧୧୯/୬।୧।୨୦୨୦ରେ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ପଞ୍ଚାୟତର ୧୭ ଜଣ ହିତାଧିକାରୀ ଘର ତିଆରି ସମ୍ପୂର୍ଣ୍ଣ କରି ନ ଥିବା ବେଳେ ସେମାନଙ୍କୁ ସମ୍ପୂର୍ଣ୍ଣ ଅର୍ଥ କିଭଳି ପ୍ରଦାନ କରାଗଲା ଜବାବ ଦେବା ପାଇଁ ଗ୍ରାମ ରୋଜଗାର ସେବକ ଅମିୟ ନାୟକଙ୍କୁ ୩ ଦିନ ସମୟ ଦିଆଯାଇଛି। ନିଜର ପକ୍କାଘର ଥାଇ ଓ ଘର ନ କରି ସରକାରୀ ଅର୍ଥ ହଡ଼ପ କରିଥିବା ହିତାଧିକାରୀଙ୍କ ନାମରେ ଏତଲା ଦେବା ପାଇଁ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


ପଞ୍ଚାୟତିରାଜ ପ୍ରମୁଖ ସଚିବ 'ମୋ ସରକାର' ପ୍ରକୋଷ୍ଠ ବୁଲି ଦେଖୁଛନ୍ତି।

# ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବଙ୍କ ଯୋଡ଼ା ଗସ୍ତ

**ଯୋଡ଼ା, ୭।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକକୁ ମଙ୍ଗଳବାର ପୂର୍ବାହ୍ନରେ ରାଜ୍ୟ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ପଞ୍ଚାୟତିରାଜ ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସହିତ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ମାଝି, ଜିଲା ସହକାରୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଚମ୍ପୁଆ ବିଡିଓ ନୁପୁର ଚାନ୍ଦ ଗୋଟିଆ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ରବୀନ୍ଦ୍ର ନାଏକ , ସର୍ବେଶ୍ୱର ବାରିକ ଓ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରେ ପ୍ରମୁଖ ସଚିବ ପ୍ରଥମେ ଯୋଡା ବ୍ଲକର ମିରିଗିସିଙ୍ଗାଠାରେ ନିର୍ମାଣାଧୀନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗସ୍ତରେ ଯାଇ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ପରେ ସେ ଦିନ ୧୨ ଘଟିକା ସମୟରେ ଯୋଡା ପୌରପାଳିକାର ବନେଇକଳାଠାରେ ଥିବା ଆହାର କେନ୍ଦ୍ର ଗସ୍ତ କରି ଖାଦ୍ୟର ମାନ, ପରଶିବା ସ୍ଥଳୀର ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରମୁଖ ସଚିବ ମଙ୍ଗଳବାର ଅପରାହ୍ନ ୧ ଘଟିକା ସମୟରେ ଯୋଡା ପୌରପାଳିକା କାର୍ଯ୍ୟାଳୟକୁ ଯାଇ ସେଠାରେ ନୂତନ ଭାବେ ଖୋଲାଯାଇଥିବା 'ମୋ ସରକାର' ପ୍ରକୋଷ୍ଠ ବୁଲି ଦେଖିବା ସହିତ ପୌରପାଳିକାର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରି ପ୍ରଶଂସା କରିଥିବା ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

### ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ ଆକ୍ରମଣ ମାମଲା
# ଜେଲ୍ ଗଲେ ପୁଅ: ବାପା ଫେରାର

**ରୂପ୍‌ସା, ୭।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପାଳ ବଜାରରେ ସୋମବାର ବିଦ୍ୟୁତ୍ ବିଭାଗ ଜେଇ ଗୌରୀଶଙ୍କର ବାଗଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ରାମକୃଷ୍ଣ ଦାସଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ବସ୍ତା ଥାନାରେ ଏକ ମାମଲା (ନଂ. ୩/୨୦) ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ବସ୍ତା ବିଦ୍ୟୁତ୍‌ବିଭାଗ ଜେଇ ବାଗ ଏକ ଟିମ୍ ସହ ଶ୍ରୀରାମପୁର ପଞ୍ଚାୟତର ବିଭିନ୍ନ ଗାଁକୁ ଅଫିସ କାର୍ଯ୍ୟରେ ଯାଇଥିଲେ। କ୍ଷୀରଂ ଗ୍ରାମର ଉପଭୋକ୍ତା ସଞ୍ଜୟ କୁମାର ଦାସ ବିଦ୍ୟୁତ ଖୁଣ୍ଟିରୁ ବେଆଇନ୍ ବିଦ୍ୟୁତ ସଂଯୋଗ କରିଥିବା ଦେଖି ସେ ମୋବାଇଲରେ ଚିତ୍ର ଉତ୍ତୋଳନ କରି ଫେରୁଥିଲେ। ଏଥିରେ ଉତ୍ୟକ୍ତ ହୋଇ ସଞ୍ଜୟ ଓ ତାଙ୍କ ପୁଅ ରାମକୃଷ୍ଣ ହଳଦୀପାଳ ବଜାରରେ ଜେଇଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ମରଣାନ୍ତକ ଆକ୍ରମଣ ସହ ହତ୍ୟା ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି। ତଦନ୍ତ ଅଧିକାରୀ ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଚଢ଼ାଉ କରି ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଥିବାବେଳେ ବାପା ସଞ୍ଜୟ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ଦୁଇ ଦିବ୍ୟାଙ୍ଗଙ୍କୁ ବିବାହ କରାଇବା ଘଟଣା
# ୪ ସପ୍ତାହରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ଗତ ଡିସେମ୍ବର ୨୫ରେ ଦୁଇଜଣ ଦିବ୍ୟାଙ୍ଗଙ୍କୁ ସ୍ଥାନୀୟ ଲୋକେ ଜୋରଜବରଦସ୍ତି ବିବାହ କରାଇଥିଲେ। ଏପରି କି ସେମାନଙ୍କୁ ଫୁଲମାଳ ପକାଇ ବଜାର ବୁଲାଇବା ସହ ମୋବାଇଲ୍ ଫୋନ୍‌ରେ ଭିଡିଓ ରେକର୍ଡିଂ କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ ବିମଳପ୍ରସାଦ ଦାସ ଓ ସଦସ୍ୟ ଅସୀମ ଅମିତାଭ ଦାଶ ଏହି ମାମଲାର ବିଚାର କରି ୪ ସପ୍ତାହ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ବାଲେଶ୍ୱର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗୋପାଳପୁର ବଜାରରେ ଜଣେ ବୟସ୍କ ମାନସିକ ତଥା ଶାରିରୀକ ଭାବେ ଅକ୍ଷମ ବ୍ୟକ୍ତି ୪୦ବର୍ଷ ହେବ ରହୁଛନ୍ତି। ସେ ନିକଟ ଦୋକାନରେ କାମ କରି ପେଟ ପୋଷନ୍ତି। କିଛିଦିନ ତଳେ ତାଙ୍କ ଭଳି ଜଣେ ଦିବ୍ୟାଙ୍ଗ ମହିଳା ସେଠାକୁ ଆସିଥିଲେ। ସେ ଉକ୍ତ ବଜାରରେ ବୁଲି ବୁଲି ଭିକମାଗି ଚଳୁଥିଲେ। ଗତ ମାସ ୨୫ ତାରିଖରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଉଭୟଙ୍କୁ ଜୋର୍‌ଜବରଦସ୍ତ ବିବାହ କରାଇଥିଲେ। ଉଭୟଙ୍କୁ ଧରି ପରସ୍ପର ବେକରେ ଫୁଲମାଳ ପକାଇବା ପରେ ଶୋଭାଯାତ୍ରା କରି ବଜାର ବୁଲାଇଥିଲେ। ଏହାର ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରି ମଜା ନେଇଥିଲେ। ବହୁ ଲୋକ ଏହାକୁ ଦେଖୁଥିଲେ ମଧ୍ୟ କେହି ବିରୋଧ କରି ନ ଥିଲେ। ଏହାଦ୍ୱାରା ଦୁଇ ଦିବ୍ୟାଙ୍ଗଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା ଓଏଚ୍‌ଆର୍‌ସି ହୃଦ୍‌ବୋଧ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର, ୭।୧ (ସ୍ୱ.ପ୍ର.)-ଜିଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ ସୋମବାର କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ୍ ୨୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୩୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ.ଓ ସନ୍ତୋଷ ଯୋଶୀ, ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ (ଜାତୀୟ ରାଜପଥ) ସନ୍ତୋଷ କୁମାର ନାୟକ, ପି.ଏ. ଆଇ.ଟି.ଡି.ଏ. କେନ୍ଦୁଝର ନାରାୟଣ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ଶିବବ୍ରତ ତ୍ରିପାଠୀଙ୍କ ସମେତ ଜିଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଓଲଟିଲା ଟ୍ରକ, ହେଲପର ଆହତ

ଯୋଡ଼ା, ୭।୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ୫୨୦ନଂ ଜାତୀୟ ରାଜପଥ ତଥା ଲହଣ୍ଡାଛକଠାରେ ସୋମବାର ଏକ ୧୨ ଚକିଆ ଟ୍ରକ ଭାରସାମ୍ୟ ହରାଇ ରାସ୍ତାର ତଳ ପାର୍ଶ୍ୱକୁ ଓଲଟି ପଡିବାରୁ ଗାଡିର ହେଲପର ଆହତ ହୋଇଥିବା ଜଣାପଡିଛି। ସୋମବାର ଭୋର ସମୟରେ ୧୨ ଚକିଆ ଟ୍ରକ ବିଲେଇପଦା ଆଡୁ ଯୋଡା ଅଭିମୁଖେ ଆସୁଥିବା ବେଳେ ରାସ୍ତାର ତଳ ପାର୍ଶ୍ୱକୁ ଓଲଟିପଡିଥିଲା। ଫଳରେ ଟ୍ରକରେ ବସିଥିବା ହେଲପର ମାସୁକ୍ ମିଆଁ ଆହତ ହୋଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏକ ମାମଲା (ନଂ.୯/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଘସିପୁରାରେ ପୂଜ୍ୟପୂଜା କାର୍ଯ୍ୟକ୍ରମ

ଘସିପୁରା, ୭।୧(ଡି.ଏନ.ଏ.)-ଆନନ୍ଦପୁର ପୌରାଞ୍ଚଳର ଘସିପୁରା ଗ୍ରାମରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ପ୍ରେମୀ ପ୍ରଭାକର ସାଙ୍କ ତତ୍ତ୍ୱାବଧାନରେ ନିଷ୍କାମ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଅଞ୍ଚଳର ବୟୋଜ୍ୟେଷ୍ଠ କର୍ମକାଣ୍ଡ ବୈଦିକ ପୁରୋହିତ ପଣ୍ଡିତ ଦୈତାରୀ ଦାଶଙ୍କ ୮୮ତମ ଜନ୍ମବାର୍ଷିକ ଉପଲକ୍ଷେ ଅଞ୍ଚଳର ଯଜମାନମାନେ ଉପସ୍ଥିତ ହୋଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପୂଜ୍ୟପୂଜାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ଗାଁ ମୁରବୀ ନନ୍ଦ କିଶୋର ସାହୁ, ବିନୋଦ ବିହାରୀ ଦାସ, ମନୋରଞ୍ଜନ ଆଚାର୍ଯ୍ୟ, ପୁରନ୍ଦର ଧୀର, ରାମଚନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ଶ୍ରୀମତୀ କନକ ସାହୁ, ହାରାମଣି ସାହୁ, ସୁବାସ ସାହୁ, ସୁଶାନ୍ତ ସାହୁ, ଭାମା ସାହୁ ଯୋଗଦେଇ ଥିବା ବେଳେ ପ୍ରବଚକ ପଣ୍ଡିତ ଜିତୁ ଦାଶ ବେଦ ଉଚାରଣ କରିଥିଲେ। ଶେଷରେ ପରିଚାଳନା ସଂଘର ସଦସ୍ୟ ପ୍ରମୋଦ ସା ଓ ଅକ୍ଷୟ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଟଣାରେ ସହଯୋଗ ତାଲିମ ଶିବିର

ପାଟଣା, ୭।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ସହଯୋଗ ତାଲିମ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ ଉଦ୍‌ଘାଟନ କରିଛନ୍ତି। ଚିନାମାଳିପଶି ସିଆରସିସି ଶ୍ରୀକାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା କମଳାକାନ୍ତ ପତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମହାନ୍ତ, ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିବା ବେଳେ ବ୍ଲକ ସମ୍ବଳ ଶିକ୍ଷକ ଶାନ୍ତନୁ କୁମାର ବେହେରା ଓ ବିଭାଷଣ ଦଳଦଶିଆ ବ୍ଲକର ୫୬ଜଣ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ କୃଷି ଫାର୍ମ

ହାଟଡିହୀ, ୭।୧(ଡି.ଏନ.ଏ.)


ବିପଦସଙ୍କୁଳ ଫାର୍ମହାଉସ୍।

■ ଅବ୍ୟବସ୍ଥାରେ ଫାର୍ମହାଉସ
■ ପାଲଟିଛି ସରୀସୃପଙ୍କ ଆଡ୍ଡାସ୍ଥଳୀ

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଢେଙ୍କା ପଞ୍ଚାୟତର ସଙ୍ଗମ କୃଷି ଫାର୍ମଟି ଏବେ ଅବ୍ୟବସ୍ଥାରେ ପଡ଼ିଥିବା ଯୋଗୁ ସରକାରଙ୍କର ଉଦ୍ଦେଶ୍ୟ ସଫଳ ହୋଇପାରିନି। ଜରାଜୀର୍ଣ୍ଣ ଅବସ୍ଥାରେ ଗୃହ ଗୁଡ଼ିକ ପଡ଼ିଥିବାବେଳେ ଫାର୍ମର ପରିବେଶଟି ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ଅଳିଆ ଆବର୍ଜନା, ଲତା, ବୁଦା ଓ ସରୀସୃପଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ଫାର୍ମଟି ୨୪ ଏକର ଏରିଆ ଭିତରେ ଥିବା ବେଳେ ଧାନ ଚାଷ ଜମି ୨୪ ଏକର ରହିଛି। ଏହା ସବୁଠାରୁ ବଡ଼ ଫାର୍ମ ହୋଇଥିଲେ ମଧ୍ୟ କୃଷି ବିଭାଗର ଅଧିକାରୀ ମାନଙ୍କର ଅଣଦେଖା ପାଇଁ ଫାର୍ମଟି ଶ୍ରୀହୀନ ହୋଇପଡ଼ିଛି। ଫାର୍ମ ଭିତରେ ୬ଶହରୁ ଉର୍ଦ୍ଧ୍ୱ ଆମ୍ବ ଗଛ, ପଟାସ, ଶାଗୁଆନ, ପିଜୁଳି ଇତ୍ୟାଦି ଗଛ ରହିଥିଲେ ମଧ୍ୟ ତାର ସୁରକ୍ଷା ବାଡ଼ା ନ ଥିବାରୁ ତାହା ଏବେ ଧ୍ୱଂସ ହେବାକୁ ବସିଛି। ଗୋରୁଗାଈ ଓ ଅସାମାଜିକ ବ୍ୟକ୍ତି ଅବାଧରେ ପ୍ରବେଶ କରୁଛନ୍ତି। ଫାର୍ମରେ ଥିବା ବିଭିନ୍ନ ସାମଗ୍ରୀଠାରୁ ଆରମ୍ଭ କରି ଗଛରେ ଥିବା ବିଭିନ୍ନ ଫଳ ଚୋରି କରିନେଇଥାନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଘର ଓ କାର୍ଯ୍ୟାଳୟ ଗୁଡ଼ିକ ଅସୁରକ୍ଷିତ ହୋଇପଡ଼ିଛି। ଜଣେ ଯନ୍ତ୍ରୀ ନିଯୁକ୍ତି ହୋଇଥିଲେ ମଧ୍ୟ ସେ ଫାର୍ମକୁ ତାଙ୍କ ଇଚ୍ଛାରେ ଯାତାୟତ କରିଥାନ୍ତି। କୌଣସି କର୍ମଚାରୀ ସେଠାରେ ରୁହନ୍ତି ନାହିଁ। ଏହି ଫାର୍ମଟି ଚାଷର ପ୍ରୟୋଗ ଶାଳା କୁହାଯାଉଥିବା ବେଳେ ଏହାର ଏଭଳି ଦୟନୀୟ ଓ ଅସହାୟ ଅବସ୍ଥାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଯେଉଁ ଫାର୍ମର ଧାନ ଚାଷକୁ ଦେଖି ଚାଷୀଙ୍କ ମଧ୍ୟରେ ପ୍ରତିଯୋଗିତା କରି ଉତ୍ସାହ ସୃଷ୍ଟି ହେବା ପ୍ରତିବଦଳରେ ତାହା ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଫାର୍ମ କୃଷି ସହ ଅଧିକାରୀ ମନମୋହନ ଜେନାଙ୍କୁ ପଚାରିବାରୁ ଫାର୍ମରେ ସ୍ଥାୟୀ ଶ୍ରମିକ ନାହାନ୍ତି। ଏସମ୍ପର୍କରେ ବହୁବାର ବିଭାଗ ଅଧିକାରୀଙ୍କୁ ଜଣାଯାଇଛି। ୨୪ ଏକର ଫାର୍ମଟିକୁ ଗଛ ଲଟା କାଟି ସଫା କରିବାକୁ ଅନୁଦାନ ରାଶି ମିଳୁନାହିଁ। ସରକାରଙ୍କ ପକ୍ଷରୁ ଘର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉନାହିଁ ମୁଁ କଣ କରିପାରିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଡ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଧର୍ମଘଟ ପାଇଁ ବଦଳିଲା ପରୀକ୍ଷା ସୂଚୀ

ବାରିପଦା ଅଫିସ,୭।୧

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**

ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ବୁଧବାର ହେବାକୁ ଥିବା ପରୀକ୍ଷାକୁ କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଘୁଞ୍ଚାଇ ଦିଆଯାଇଛି। ଏନେଇ ବିଶ୍ୱବିଦ୍ୟାଳୟର ପତ୍ର ସଂଖ୍ୟା ୬୪ (୭।୧।୨୦୨୦)ରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ପିଜି ବିଭାଗର ପ୍ରଥମ ଓ ପଞ୍ଚମ ସେମିଷ୍ଟାର ପରୀକ୍ଷା ୨୭ ଜାନୁୟାରୀ, ଏଲଏଲବିର ପ୍ରଥମ ସେମିଷ୍ଟାର ପରୀକ୍ଷା ୧୭ ଜାନୁୟାରୀ, ସ୍ପେଶାଲ ବିଇଡିର ଷଷ୍ଠ ସେମିଷ୍ଟାର ପରୀକ୍ଷା ୨୨ ଜାନୁୟାରୀ ଓ ନର୍ସିଂ ବିଭାଗର ପ୍ରଥମ ସେମିଷ୍ଟାର ପରୀକ୍ଷା ୧୦ ଜାନୁୟାରୀକୁ ଘୁଞ୍ଚାଇ ଦିଆଯାଇଛି।

# ବସ୍‌ରୁ ୧୭୦ କେଜି ପ୍ଲାଷ୍ଟିକ ସାମଗ୍ରୀ ଜବତ


ଜବତ ହୋଇଥିବା ପ୍ଲାଷ୍ଟିକ ସାମଗ୍ରୀ।

ଯୋଡ଼ା, ୭।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ବସଷ୍ଟାଣ୍ଡଠାରେ ସୋମବାର ପୂର୍ବାହ୍ନ ୧୧ଟାରେ ଯୋଡା ପୌରପାଳିକା ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ଏକ ବସ୍‌ରୁ ୧୭୦ କେଜି ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିବା ଜଣାପଡିଛି। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଢୀଯୋଶୀଙ୍କ ସୂଚନାନୁଯାୟୀ ଯୋଡା ପୌରପାଳିକା ଏନଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢାଉ କରାଯାଇ ଉକ୍ତ ବସ୍‌ରୁ ପ୍ଲାଷ୍ଟିକ ଗ୍ଲାସ, ପଲିଥିନ୍, ଥର୍ମକୁଲ୍ ଖଲି, ଗ୍ଲାସ୍ ପ୍ରଭୃତି ୧୭୦ କେଜିର ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨୨ ହଜାର ଟଙ୍କ ହେବ। ଯୋଡା ପୌରପାଳିକା ପକ୍ଷରୁ ପଲଥିନ୍ ନିଷେଧ ଅଭିଯାନକୁ ଜୋରଦାର କରାଯାଇଥିବା ବେଳେ କେତେକ ବ୍ୟବସାୟୀ ଚୋରାରେ ଏହି କାରବାର ଚଳାଉଥିବାରୁ ଖବର ପାଇ ଏହି ଚଢାଉ କରାଯାଇଥିଲା। ଜବତ ପ୍ଲାଷ୍ଟିକ ଓ ପଲଥିନ୍‌ର କେହି ଦାବିଦାର ନ ଥିବାରୁ ଜରିମାନା ଟଙ୍କା ଆଦାୟ କରାଯାଇପାରି ନାହିଁ। ଏହି ଚଢାଉରେ ଯୋଡା ପୌରପାଳିକା ଏନଫୋର୍ସମେଣ୍ଟ ସ୍କ୍ୱାଡ ଅଧିକାରୀ ଦୋଳଗୋବିନ୍ଦ ସାହୁ ଓ କଳାକାର ସା ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

### ଅଫିସ ଗୃହ ଛାତରେ ବିପଦସଙ୍କୁଳ ଗଛ

ହାଟଡିହୀ, ୭।୧ (ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ତହସିଲ ପରିସରକୁ ଲକ୍ଷ୍ୟ କଲେ ଏହାର ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡ଼ିଥିବା ବେଳେ ନାନା ଅବ୍ୟବସ୍ଥା ଘେରରେ ରହିଛି। ଏପରିକି ତହସିଲ ପରିସରରେ କେତେକ ଗୃହ ଅଳିଆ ଆବର୍ଜନାରେ ପୂରି ରହିଛି। ବର୍ଷାଦିନ ହେଲେ ତହସିଲର ଅବସ୍ଥା ଆହୁରି ସାଂଘାତିକ ହୋଇପଡ଼େ। ତହସିଲ ଅଫିସ ଗୃହ ଛାତ ଉପରେ ଥିବା ପାଣିଟାଙ୍କି ଏବେ ବର ଓସ୍ତ ଗଛ ଦ୍ୱାରା ଆବୃତ୍ତ ହୋଇ ବସିଛି। ପାଣିଟାଙ୍କି ନିକଟରେ ଗଛ ଉଠି ଧିରେ ଧିରେ ବଡ଼ ହେବାରେ ଲାଗିଛି। ଏଥିସହ ପାଣିଟାଙ୍କି ଥିବା ପାଇଖାନା ଗୃହ ଝରକାରେ ମଧ୍ୟ ଗଛ ଉଠିବା ଦେଖାଯାଇଛି। ଛାତ ଉପରେ ଥିବା ପାଣିଟାଙ୍କି ନିକଟରେ ଗଛ ଉଠିବା ଫଳରେ ଛାତ ଓ କାନ୍ଥ ଧିରେ ଧିରେ ଫାଟିବାକୁ ଆରମ୍ଭ କଲାଣି। ଏଥିପ୍ରତି ଜିଲାପାଳ ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତହସିଲ ଅଫିସ ଗୃହର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।



# ଶିଳ୍ପ ସମୃଦ୍ଧ ଜିଲାରେ ମିଳୁନି ନିଯୁକ୍ତି ସୁଯୋଗ

କେନ୍ଦୁଝର, ୭।୧(ସ୍ୱ.ପ୍ର.)

ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲାରେ ନିଯୁକ୍ତି ସୁଯୋଗ ମିଳୁ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଯୁକ୍ତି ନୀତି ଯୋଗୁ ନିଜ ଜିଲାରେ ସୁବିଧା ଥାଇ ବାହାର ଜିଲା ଓ ରାଜ୍ୟକୁ ଯୁବତୀ/ଯୁବକମାନେ କାମ କରିବାକୁ ଯିବାକୁ ବାଧ ହେଉଛନ୍ତି ବୋଲି ମତ ପ୍ରକାଶ ପାଉଛି। ସେହିପରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାରଙ୍କ ପକ୍ଷରୁ କରାଯାଉଥିବା ନିଯୁକ୍ତି ମେଳା ମଧ୍ୟ ବେକାରୀ ସମସ୍ୟା ଦୂର କରିବାରେ ସକ୍ଷମ ହେଉନାହିଁ। ବିଭିନ୍ନ ସଂସ୍ଥା ପକ୍ଷରୁ ସ୍କିଲ ଡେଭେଲପମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ଓ ପ୍ଲେସମେଣ୍ଟ ଲିଙ୍କଡ ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ଦିଆଯାଉଥିବା ଟ୍ରେନିଂ ଓ ଥଇଥାନ କାର୍ଯ୍ୟକ୍ରମ ଚାଲିଥିଲେ ହେଁ ସେସବୁର ମଧ୍ୟ ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ଲୋକ ଦେଖାଣିଆ କେତେକ ସଂସ୍ଥା ଏହି ତାଲିମ ଦେଇ ନିଯୁକ୍ତି ବ୍ୟବସ୍ଥା କରୁଥିଲେ ହେଁ ସେସବୁ ଏହି ଜିଲାରେ ନିଯୁକ୍ତି ସୁବିଧା ନ ଦେଇ ବାହାର ରାଜ୍ୟରେ ନିଯୁକ୍ତି ଦେବାକୁ କହି ନେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ ୨୦୧୭ ମସିହାରେ ୮୫୩୯ ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୬୪୦ ଜଣଙ୍କ ନାମ ସଂସ୍ଥା ପକ୍ଷରୁ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାକୁ ପଠାଇଯାଇଛି। ସେଥିରୁ ମାତ୍ର ୩୧ ଜଣ ନିଯୁକ୍ତି ପାଇଥିବା ଜଣାପଡିଛି। ସେହିପରି ୨୦୧୮ ମସିହାରେ ୫୭୦୫ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୫୦୨ ଜଣଙ୍କ ନାମ ପଠାଯାଇଥିବା ବେଳେ ୩୭ ଜଣ ନିଯୁକ୍ତି ପାଇଥିବା ଜିଲା କର୍ମନିୟୋଜନ ସଂସ୍ଥା ପକ୍ଷରୁ ଜଣାପଡିଛି। ୨୦୧୯ ସେପ୍ଟେମ୍ବର ସୁଦ୍ଧା ୪୦୧୨ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୬୫୦ ଜଣଙ୍କ ନାମ ପଠାଯାଇଛି। ସେଥିରୁ ମାତ୍ର ୩୬ ଜଣ ନିଯୁକ୍ତି ସୁଯୋଗ ପାଇଥିବା ଜଣାପଡିଛି। କୋହଳ ଆଇନଗତ ବ୍ୟବସ୍ଥା କାରଣରୁ ଜିଲାରେ ଥିବା ବହୁ ଖଣି ଓ ଶିଳ୍ପ କମ୍ପାନୀ ମାନେ ସେମାନଙ୍କ ନିଯୁକ୍ତି ସମ୍ପର୍କିତ ତଥ୍ୟ ଜିଲା କର୍ମନିୟୋଜନ ସଂସ୍ଥାକୁ ପ୍ରଦାନ କରୁନାହାନ୍ତି। ସେହିପରି ସେମାନେ ଖାଲି ଥିବା ପଦବୀ ସଂଖ୍ୟା ଏବଂ ନିଯୁକ୍ତି ସମୟରେ ଏହି ସଂସ୍ଥା ଜରିଆରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନ କରି ଖୋଲା ବିଜ୍ଞପ୍ତି ପ୍ରକାଶ କରି ବାହାର ପିଲା ଓ ନିଜର ସମ୍ପର୍କୀୟ ମାନଙ୍କୁ ନିଯୁକ୍ତି ଦେଉଥିବାରୁ ଜିଲାର ବେକାରୀ ସମସ୍ୟା ଉତ୍କଟ ହେବାକୁ ବସିଛି ବୋଲି ଅଭିଯୋଗ ହେଉଛି।

## ୪ ମଦ ବେପାରୀ ଗିରଫ

ପାଟଣା,୭।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ଚଢ଼ାଉ ହୋଇଛି। ଏଥିରେ ବେଆଇନ ମହୁଲୀ ମଦ ବେପାରରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୬୦ଲିଟର ମହୁଲୀ ମଦ ଜବତ କରିବା ସହ ୨ଲିଟର ବିଦେଶୀ ମଦ ଜବତ କରିଛି। ଗିରଫ ମାନେ ହେଲେ ତୁରୁମୁଙ୍ଗା ଥାନା ହାତୀବାରି ଗ୍ରାମର ଗୋକୁଳ ନାଏକ, ଚାଙ୍ଗୁଆପଡା ଗ୍ରାମର ପରେଶ ମହାନ୍ତ, ଖିରେଇଟାଙ୍ଗିରି ଗ୍ରାମର ଶେଫାଳି ନାଏକ ଓ ପାଟଣା ଥାନା ଗାଲଫୁଲା ଗ୍ରାମର ଶୁକ୍ର ମୁଣ୍ଡା। ଏହି ଚଢ଼ାଉ ପାଟଣା ଅବକାରୀ ଅଧିକାରୀ ଦୀଲୀପ କୁମାର ତଣ୍ଡିଙ୍କ ନେତୃତ୍ୱରେ ହୋଇଥିଲା।

■ ଘସିପୁରା ଭିଆଇପି ରୋଡ ଦବିବା ଘଟଣା

# ୭ ଦିନ ବିତିଲା, ହେଲାନି ମରାମତି

ଘସିପୁରା, ୭।୧(ଡି.ଏନ.ଏ.)


ଦବି ଯାଇଥିବା ରାସ୍ତା ଉପରେ ଗଛଡାଳ ପୋତା ଯାଇଛି।

ଆନନ୍ଦପୁର ସହରରେ ପୂର୍ତ୍ତ ବିଭାଗ ପକ୍ଷରୁ ନବନିର୍ମିତ ଖପରାଖାଇ-ଘସିପୁରା (ଜେସି ମେନ ରୋଡ) ଭିଆଇପି ରୋଡ ବୈତରଣୀ ଡଙ୍ଗା ଘାଟ ନିକଟରେ ଦବିବା ଘଟଣାକୁ ଇତି ମଧ୍ୟରେ ୭ଦିନ ବିତି ଯାଇଛି। ଅଥଚ ଏ ପର୍ଯ୍ୟନ୍ତ ଏହି ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ମରାମତି କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦେଖାଯାଇଛି। ସେହି ସ୍ଥାନରେ ଗଛ ଡାଳ ପୋତି ରାସ୍ତାକୁ ସମ୍ପୂର୍ଣ୍ଣ କରାଯାଇଛି। ରାସ୍ତା ଦବିବା କାରଣରୁ ଏହା ତଳେ ଥିବା ପାନୀୟ ଜଳ ପାଇପ୍ ଫାଟି ଯାଇଥିଲା। ତେଣୁ ରାସ୍ତାକୁ ପ୍ରାୟ ୫ଫୁଟ ଗଭୀର ଖୋଳା ଯାଇ ଜନସ୍ୱାସ୍ଥ୍ୟ ଜଳ ଯୋଗାଣ(ପିଏଚଡି) ବିଭାଗ ପାନୀୟ ଜଳ ପାଇପ ମରାମତି କାର୍ଯ୍ୟ କରିଥିଲା। କିନ୍ତୁ ଏହା ପରେ ଦୀର୍ଘ ଏକ ସପ୍ତାହ ବିତିଥିଲେ ମଧ୍ୟ ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତା ମଝିରେ ଗାଡ ରହିଥିବା ବେଳେ ଚାରିପଟେ ମାଟି ଅତଡ଼ା ଭରି ରହିଛି। ସେହିପରି ଏହି ରାସ୍ତାର ଏଭଳି ବିପଦସଙ୍କୁଳ କିମ୍ବା ମରାମତି କାର୍ଯ୍ୟ ଚାଲିଥିବା ନେଇ କୌଣସି ଡାଇଭରସନ କିମ୍ବା ସତର୍କ ସୂଚନା ବୋର୍ଡ ଲଗାଯାଇ ନାହିଁ। ଫଳରେ ବହୁ ଯାତ୍ରୀ ଗାଡ଼ି ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଗୋଟିଏ ସପ୍ତାହ ହେବ ରାସ୍ତାର ଗୋଟିଏ ପାର୍ଶ୍ୱରେ ଯାତାୟତ ବନ୍ଦ ରହିଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜିଛି। ଯାତାୟାତରେ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଥିବା ବେଳେ ଏଥିରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଜିଲା ପ୍ରଶାସନ ନିକଟରେ ପୂର୍ବରୁ ହେବା ସହ ଏ ସକ୍ରାନ୍ତରେ ଏକ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏସବୁ ମଧ୍ୟରେ ନିର୍ମାଣର ଗୋଟିଏ ବର୍ଷ ନବିତୁଣୁ ରାସ୍ତାର ଏଭଳି ଅବସ୍ଥା ସ୍ଥାନୀୟ ବୁଦ୍ଧିଜିବୀଙ୍କ ମହଲରେ ଉଦବେଗ ପ୍ରକାଶ ପାଇଛି। ଅପରପକ୍ଷେ ଏନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରୁ ପୂର୍ବଭଳି ଯେଉଁଠି ଏଭଳି ସମସ୍ୟା ଦେଖାଯାଉଛି ତୁରନ୍ତ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି।

ସ୍କୁଲ ଜମିକୁ ଅନ୍ୟ ଘରୋଇ ସଂସ୍ଥାକୁ ହସ୍ତାନ୍ତର ଉଦ୍ୟମ

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କେନ୍ଦୁଝର, ୭।୧(ସ୍ୱ.ପ୍ର.)

ସଦର ବ୍ଲକ ଅଲଣାପଦା ଗ୍ରାମରେ ୧୯୯୯ ମସିହାରୁ ଚାଲିଆସୁଥିବା ପ୍ରାଥମିକ ବିଦ୍ୟାଳୟକୁ କମ ଛାତ୍ରୀଛାତ୍ର ନାମ ଲେଖାଇଥିବା ଦର୍ଶାଇ ୨୦୧୭ ମସିହାରେ ପ୍ରଶାସନ ବନ୍ଦ କରିଦେଇଥିଲେ। ଗୋଚର ଜମିରେ ତିଆରି ହୋଇଥିବା ଏହି ସ୍କୁଲ ଏବେ ବନ୍ଦ ପଡିଥିବା ବେଳେ ଏବେ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଦେବାକୁ ପ୍ରଶାସନ ଉଦ୍ୟମ କରୁଥିବାରୁ ସ୍ଥାନୀୟ ଲୋକେ ଘୋର ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ସୋମବାର ସ୍ଥାନୀୟ ଅଧିବାସୀ ଓ୍ୱାର୍ଡମେମ୍ବର ଯୋଗମାୟା ନାଏକ, ଇଶ୍ୱର ନାଏକ, ଘନଶ୍ୟାମ ମହାନ୍ତ, ଧନେଶ୍ୱର ମହାକୁଡ, ହରିହର ମହାନ୍ତ, ରବିରତ୍ନ ମହାନ୍ତ ସମେତ ଆସି ଲିଖିତ ଜିଲାପାଳଙ୍କୁ ଭେଟି ସ୍କୁଲକୁ ହସ୍ତାନ୍ତର ନ କରି ପୁର୍ନବାର ସ୍କୁଲ ଚଲାଇବାକୁ ଲିଖିତ ଭାବେ ଦାବି କରିଛନ୍ତି। ସ୍କୁଲରେ ଭଲ ଶିକ୍ଷକ ନ ଥିବାରୁ ଅଭିଭାବକ ମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡି ନ ଥିଲେ। ଏଣୁ କମ ପିଲାଙ୍କ ଉପସ୍ଥିତିକୁ ନେଇ ସ୍କୁଲ ବନ୍ଦ କରିଦିଆଯାଇଥିଲା। ଏବେ ଏହି ଜମିକୁ ଏକ ସଂସ୍ଥାକୁ ହସ୍ତାନ୍ତର କିପରି କରାଯାଉଛି ବୋଲି ଘନଶ୍ୟାମ ମହାନ୍ତ ପ୍ରଶ୍ନ କରିଛନ୍ତି। ଏବେ ଉକ୍ତ ଗ୍ରାମର ୩୫ ଜଣ ପିଲାଙ୍କୁ ସ୍କୁଲରେ ନାମ ଲେଖାଇବା ପାଇଁ ସେମାନଙ୍କ ଅଭିଭାବକ ମାନେ ଲିଖିତ ଜଣାଇସାରିଥିବାରୁ ଏହି ସ୍କୁଲ ପୁଣି ଖୋଲିବାକୁ ରବିରତ୍ନ ମହାନ୍ତ ଦାବି କରିଛନ୍ତି। ଏହି ସ୍କୁଲକୁ ଖୋଲିବା ପାଇଁ ନରଣପୁର ସରପଞ୍ଚ ନରେନ୍ଦ୍ର ନାଏକ ମଧ୍ୟ ନିଜର ସହମତି ଉପସ୍ଥାପନ କରି ଜିଲାପାଳଙ୍କୁ ଜଣାଇଛନ୍ତି। ଏହାର ଶୁଣାଣି କରି ଜିଲାପାଳ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଦାବିପତ୍ର ପଠାଇଛନ୍ତି। ଯଦି ପୁଣି ସ୍କୁଲ ନ ଖୋଲେ ତେବେ ଉକ୍ତ ସ୍ଥାନରେ ଅନ୍ୟ କୌଣସି ସଂସ୍ଥା ଚଲାଇବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ବୈଠକ କରି ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ସଂକ୍ଷେପରେ

### ଚଳନ୍ତା ଟ୍ରାକ୍ଟରରୁ ପଡ଼ି ଡ୍ରାଇଭର ମୃତ

ଚମ୍ପୁଆ, ୭।୧(ଡି.ଏନ.ଏ)- ଚମ୍ପୁଆ ଥାନା ଅନ୍ତର୍ଗତ ଯାତ୍ରା ପଡିଆଠାରେ ଏକ ଚଳନ୍ତା ଟ୍ରାକ୍ଟରରୁ ଖସିପଡି ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଚମ୍ପୁଆ ହାଟ ତୋଟାଠାରେ ମାଟି ଅନ୍‌ଲୋଡ କରି ଫେରୁଥିବା ଏକ ଟ୍ରାକ୍ଟରଟି ରାସ୍ତା କଡରେ ଛିଡା ହୋଇଥିବା ନିମା ସିଙ୍କୁ ନାମକ ଜଣେ ବ୍ୟକ୍ତିଙ୍କ ଦେହରେ ବାଡେଇ ହୋଇଥିଲା। ନିମା ତଳେ ପଡିଯିବାରୁ ଟ୍ରାକ୍ଟର ଚକ ତାଙ୍କ ଗୋଡ ଉପରେ ମାଡି ଯାଇଥିଲା। ଏହା ଦେଖି ଟ୍ରାକ୍ଟର ଚାଳକ ଡୁଗୁ ମୁଣ୍ଡା କଣ ଘଟିଲା ବୋଲି ପଛକୁ ବୁଲି ଦେଖିବାରୁ ଟ୍ରାକ୍ଟରଟି ଭାରସାମ୍ୟ ହରାଇଥିଲା। ଫଳରେ ଡ୍ରାଇଭର ଜଣଙ୍କ ତଳକୁ ଖସିପଡ଼ିବାରୁ ଟ୍ରାକ୍ଟର ଚକ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ଡୁଗୁ ମୁଣ୍ଡାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ନିମା ସିଙ୍କୁଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚମ୍ପୁଆ ପୋଲିସ ଟ୍ରାକ୍ଟରଟିକୁ ଜବତ କରିବା ସହିତ ଦୁର୍ଘଟଣାର ଅଧିକ ତଦନ୍ତ ଚଳାଇଛି।

### କର୍କଟ ରୋଗରେ ସୈନିକଙ୍କ ପରଲୋକ

**ବାଲିଆପାଳ, ୭।୧(ସ୍ୱ.ପ୍ର.):** ଭାରତୀୟ ସେନାରେ କାର୍ଯ୍ୟରତ ସୈନିକ ବଳରାମ ମାସନ୍ତଙ୍କ କର୍କଟ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ଘର ବାଲିଆପାଳ ବ୍ଲକ ଖାଳମୁହାଣି ଗ୍ରାମରେ। ଖବର ପ୍ରଚାରିତ ହେବା ପରେ ତାଙ୍କର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଖାଳମୁହାଣି ଗ୍ରାମର ଅନନ୍ତ ମାସନ୍ତଙ୍କ ପୁଅ ବଳରାମ ୨୦୧୭ରେ ଭାରତୀୟ ସେନାରେ ଯୋଗଦେଇଥିଲେ। ବଳରାମ ସଫଳତାର ସହିତ ତାଲିମ ଗ୍ରହଣ କରିବା ପରେ ପଶ୍ଚିମବଙ୍ଗର ନ୍ୟୁଜଲପାଇଗୁଡ଼ିରେ ଚାକିରିରେ ଯୋଗଦେଇଥିଲେ। ସେଠାରେ କିଛିମାସ ଚାକିରି କରିବା ପରେ ତାଙ୍କର ଦେହ ଖରାପ ହେବାରୁ ସେ ଚିକିତ୍ସା ପାଇଁ ପୁନେ ମିଲିଟାରୀ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ତାଙ୍କୁ କର୍କଟ ରୋଗ ହୋଇଥିବା ଜଣାପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ବଳରାମଙ୍କର ମୃତ୍ୟୁ ହୋଇଯାଇଛି। ବୁଧବାର ତାଙ୍କର ମୃତଦେହ ଦିଲ୍ଲୀରୁ ଭୁବନେଶ୍ୱର ପହଞ୍ଚିବ। ସେଠାରୁ ସେନାବାହିନୀ ପକ୍ଷରୁ ସଡ଼କ ଯୋଗେ ନିଜ ଗ୍ରାମ ଖାଳମୁହାଣିକୁ ଅଣାଯିବ ଏବଂ ସେନାବାହିନୀର ନୀତିନିୟମ ଅନୁଯାୟୀ ଶବ ସତ୍କାର କରାଯିବ ବୋଲି କୁହାଯାଇଛି। ସ୍ୱର୍ଗତ ବଳରାମ ତାଙ୍କ ମା’ବାପଙ୍କର ଏକମାତ୍ର ରୋଜଗାରକ୍ଷମ ପୁତ୍ର ଥିଲେ। ବଳରାମ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ନିଦ ହଜାଇଛି ଦନ୍ତା

## ବନ ବିଭାଗ ନାକେଦମ

ତେଲକୋଇ ୭।୧(ଡି.ଏନ.ଏ.)

ତେଲକୋଇ ବନାଞ୍ଚଳ ଅଧୀନ ବିମଳା ଫରେଷ୍ଟ ବିଟ ଅନ୍ତର୍ଗତ ଭୀମକାଣ୍ଡ, ଆକୁଳ, ସିରିଗିଡା, ବିମଳା ଓ ରାଇସୁଆଁ ଆଦି ପଞ୍ଚାୟତ ଗୁଡିକରେ ବଣୁଆ ହାତୀଙ୍କର ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ବନ ବିଭାଗର ସ୍ୱତନ୍ତ୍ର ଭାବେ ହାତୀ ଘଉଡାଇବା ପାଇଁ ଟିମ ଗଠନ କରାଯାଇଛି । ହାତୀ ପଲଙ୍କର ଲୁଚକାଳି ଖେଳରେ ବିଭାଗ ସହିତ ଟିମ ନାକେଦମ ହେଉଥିବା ଜଣା ପଡିଛି । ପ୍ରକାଶ ଯେ, ରବିବାର ରାତି ଅକୁଳ ପଞ୍ଚାୟତ ବନବିହାରୀପୁର ଗ୍ରାମରେ ୭ଟିକିଆ ହାତୀ ପଲ ଆସି ଘରଦ୍ୱାର ଭାଙ୍ଗି ଧାନ ଖାଇବା ସହିତ ବ୍ୟାପକ ପନିପରିବା ନଷ୍ଟ କରିଛନ୍ତି। ସେହିପରି ସୋମବାର ରାତିରେ ଭୀମକାଣ୍ଡ ଗ୍ରାମରେ ଗୋଟିଏ ଦନ୍ତା ପଶି ଭ୍ରମର ପ୍ରଧାନଙ୍କ ପାଚେରୀ, କୃଷ୍ଣ ପ୍ରଧାନଙ୍କ ଧାନ ବସ୍ତା ଓ ଅନ୍ତ ପ୍ରଧାନଙ୍କ କଦଳୀ ଏବଂ ନଡିଆ ବଗିଚାକୁ ମାଡି ଦଳି ନଷ୍ଟ କରିଥିବା ବନ ବିଭାଗ ପାଖରେ ଅଭିଯୋଗ ହୋଇଛି। ଏଠାରେ ଉଲ୍ଲେଖନୀୟ ଯେ, ଉକ୍ତ ଦୁଇ ତିନି ପଞ୍ଚାୟତ ଗୁଡିକରେ ଦନ୍ତାର ଲୁଚକାଳି ଖେଳକୁ ନେଇ ବନ ବିଭାଗ ନାକେଦମ ହୋଇଥିବା ଜଣାପଡିଛି। ହାତୀ ମାନଙ୍କର ଦୈନନ୍ଦିନ ଚଲାପଥରେ ବିଭାଗ ପକ୍ଷରୁ ସୂଚନା ଥିଲେ ମଧ୍ୟ ସେମାନେ ଅଣାୟତ ହେଉଛନ୍ତି। ଫଳରେ ବିଭିନ୍ନ ପଞ୍ଚାୟତ ଗୁଡିକରେ ରହିଥିବା ବସ୍ତି ବାସୀନ୍ଦାଙ୍କ ନିଦ ହଜି ଯାଇଛି। ଏ ସମ୍ପର୍କରେ ଫରେଷ୍ଟର ଅନିରୁଦ୍ଧ ପଣ୍ଡାଙ୍କୁ ପଚାରିବାରୁ ହାତୀ ସ୍କ୍ୱାଡ ଦ୍ୱାରା ହାତୀମାନଙ୍କୁ ଘଉଡାଇବାକୁ ଚେଷ୍ଟା ଜାରି ରହିଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ହାତୀ ଉପଦ୍ରବରେ ଭାଙ୍ଗିଥିବା ଘର।

### ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥଙ୍କ ଜୟନ୍ତୀ

ଖଇରା, ୭।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡିଗଡିଆଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୈଦ୍ୟନାଥ ରାଉତଙ୍କ ୧୦୦ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଉପସଭାପତି ବିଷ୍ଣୁମୋହନ ଶତପଥୀ ସ୍ୱର୍ଗତ ସଂଗ୍ରାମୀଙ୍କ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧାକାନ୍ତ ପଣ୍ଡା, ଉଦୟ ରାଉତ, ବସନ୍ତ ସାହୁ, ବିରଞ୍ଜନ ଜେନା, ଭାସ୍କର ପାଣିଗ୍ରାହୀ, ଭୀମଚରଣ ରାମ, ଚିତ୍ତରଞ୍ଜନ ଜେନା, କରୁଣାକର ବାରିକ, ସୁଦାମ ଚରଣ ସାହୁ, ଗଙ୍ଗାଧର କବି ତଥା ତୁଳସୀ ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତ କଲେଜ ଜୀବନରୁ ବ୍ରିଟିଶ ଫୌଜଙ୍କ ତଥା ୧୯୪୨ ମସିହା ଆନ୍ଦୋଳନରେ କିଭଳି ସଂଗ୍ରାମର ନେତୃତ୍ୱ ନେଇଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

### ସାହିତ୍ୟିକ ସାରଦାନନ୍ଦନଙ୍କୁ ସମ୍ବର୍ଦ୍ଧନା

ରେମୁଣା, ୭।୧(ଡି.ଏନ.ଏ.): ଶୈକ୍ଷିକ ତଥା ସମାଜସେବା ପାଇଁ ଦୃଷ୍ଟିହୀନ ବିଦ୍ୟାଳୟ ରାଣୀପାଟଣା ବାଲେଶ୍ୱର ତରଫରୁ ସାହିତ୍ୟିକ ସାରଦାନନ୍ଦନ ପାଲିତଙ୍କୁ ଲୁଇବ୍ରେଲଙ୍କ ଜନ୍ମ ଦିବସ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ୪ତାରିଖ ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଆୟୁକ୍ତ ସୁଲୋଚନା ଦାସ ମାନପତ୍ର ଓ ଉପଢୌକନ ଦେଇ ପାଲିତଙ୍କୁ ସମ୍ମାନିତ କରିଥିଲେ। ପାଲିତ ଜଣେ ଶିଶୁ କବିଭାବେ ଜଣାଶୁଣା।

### ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଆରମ୍ଭ

**ଜଳେଶ୍ୱର, ୭।୧(ସ୍ୱ.ପ୍ର.):** ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ଼ ଗ୍ରାମରେ ତଥା ସୁବର୍ଣ୍ଣରେଖା ନଦୀକୂଳରେ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି ଉପାନ୍ତରେ ମହୋତ୍ସବର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ସବ୍‌ଜେଲର୍ ଅନୁସୂୟା ଷଡଙ୍ଗୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ସାହୁ ଯୋଗ ଦେଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ


ଅନାସ୍ଥା ସପକ୍ଷରେ ଅଭିଯୋଗ କରିବାକୁ ଆସିଥିବା ୱାର୍ଡମେମ୍ବର।

କେନ୍ଦୁଝର, ୭।୧ (ସ୍ୱ.ପ୍ର.)

ବାଂଶପାଳ ବ୍ଲକର ବାୟାକୁମୁଟିଆ ପଞ୍ଚାୟତର ସରପଞ୍ଚ ମସଲା ପ୍ରଧାନଙ୍କ ବିରୋଧରେ ଅସନ୍ତୁଷ୍ଟ ୱାର୍ଡମେମ୍ବର ମାନେ ଅନାସ୍ଥା ପ୍ରସ୍ତାବ ଆଗତ କରି ମଙ୍ଗଳବାର ଉପଜିଲାପାଳଙ୍କୁ ଦେବାକୁ ଆସିଥିବା ଜଣାପଡିଛି। ପଞ୍ଚାୟତର କାଗଜପତ୍ର ଓ ଚିଠି ମେମ୍ବର ମାନଙ୍କୁ ଦେଉନଥିବା, କୌଣସି ଉନ୍ନତି ମୂଳକ କାର୍ଯ୍ୟାଳୟ ହେଉନଥିବା, ଯଥା ସମୟରେ ମାସିକ ବୈଠକ ହେଉନଥିବା ଆଦି ଅଭିଯୋଗରେ ସରପଞ୍ଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣିଥିବା ଲିଖିତ ଭାବେ ଜଣାଇଛନ୍ତି । ୧୧ ଟି ୱାର୍ଡ ମେମ୍ବର ମଧ୍ୟରୁ ୯ ଜଣ ଅନସ୍ଥା ସପକ୍ଷରେ ଦସ୍ତଖତ କରିଥିବା ବେଳେ ୮ ଜଣ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ନିୟମାନୁଯାୟୀ ଏନେଇ ପଞ୍ଚାୟତ ୱାର୍ଡ ମେମ୍ବର ମାନେ ବୈଠକ ଡାକି ସିଦ୍ଧାନ୍ତ କରି ଏକ ରିଜଲ୍ୟୁଶନ କରି ଅନସ୍ଥା ପ୍ରସ୍ତାବ ଦେବା ଜରୁରୀ ବୋଲି କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି। ସେମାନେ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଖବରଦାତା, ବିତରକଙ୍କ ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତା ଏବଂ ବିତରକମାନେ ।

ପାଟଣା, ୭।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକରେ କାର୍ଯ୍ୟରତ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଖବରଦାତା ଓ ବିତରକଙ୍କ ଏକ ବନ୍ଧୁ ମିଳନ ଉତ୍ସବ ବ୍ଲକର ମାଧପୁର ଡ୍ୟାମରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ଇଂ. ବିଦ୍ୟାଧର ଦାଶ ଯୋଗ ଦେଇ ବର୍ତ୍ତମାନ ସମାଜର ସାମଗ୍ରିକ ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଦ୍ୟାଧର ଦାଶ ଏହି ଅବସରରେ ଖବରଦାତାମାନେ ନିରପେକ୍ଷ, ଗଠନମୂଳକ, ତଥ୍ୟଭିତ୍ତିକ ଓ ଅଞ୍ଚଳର ପ୍ରମୁଖ ସମସ୍ୟା ସମ୍ବଳିତ ଖବର ପରିବେଷଣ କଲେ ଲୋକହିତ ସାଧନ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ବୀରକିଶୋର ଦାଶ, ନୃସିଂହ ନାଥ ସିଂ, କିଶୋର ଚନ୍ଦ୍ର ମହାନ୍ତ, ରାହାସବିହାରୀ ପୃଷ୍ଟି, ସନ୍ତୋଷ କୁମାର ପତି, କାମିନୀକାନ୍ତ ଦ୍ୱିବେଦୀ, ରଞ୍ଜନ କୁମାର ବାରିକ, ସୁଜିତ କୁମାର ଦାଶ, ଅଭିମନ୍ୟୁ ରାଉତ, ଚିରଞ୍ଜୀବ ଦାଶ, ବିଜୟ କାରୁଆ ଓ ବିତରକ ମାନଙ୍କ ମଧ୍ୟରେ ଶକ୍ତି ଶେଖର କର,କାଶୀନାଥ ମହାନ୍ତ ଓ ବିଧାନ ନାଏକ ଉପସ୍ଥିତ ଥିଲେ।

# ‘ଆମ ବିଦ୍ୟାଳୟ’ କାର୍ଯ୍ୟକ୍ରମ


ଆମ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅଭିଭାବକ।

ଯୋଡ଼ା, ୭।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ମହାଦେବନଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ‘ଆମ ବିଦ୍ୟାଳୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର , ଶିକ୍ଷୟତ୍ରୀଶିକ୍ଷକ , ଅଭିଭାବିକାଅଭିଭାବକ ଏବଂ ଗ୍ରାମର ଅନ୍ୟ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ସମସ୍ତଙ୍କର ସହଯୋଗ ଓ ସହାନୁଭୂତି, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଶିକ୍ଷାର ଉନ୍ନତି, ଖେଳ ପଡିଆ ନିର୍ମାଣ, ପ୍ରଭୃତିର ଆବଶ୍ୟକତାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟର ଚେୟାରମ୍ୟାନ୍ ଶିବନାଥ ବାରିକ, ସରପଞ୍ଚ ଜନାର୍ଦ୍ଦନ ନାଏକ ଏବଂ ପୂର୍ବତନ ବ୍ଲକ ଚେୟାରମ୍ୟାନ ସୁବାଷ ଚନ୍ଦ୍ର ନାଏକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ସମସ୍ତ ଗ୍ରାମବାସୀବୃନ୍ଦ ଯୋଗ ଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।



ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ସର୍ବଭାରତୀୟ ମା’ ବାସୁଳି କପ୍ କ୍ରିକେଟ ଟୁର୍ଣାମେଣ୍ଟରେ ମନୋଜ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଉଛି।

■ବାର୍ଷିକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

# ବଡବିଲ ବାବା ଏକାଦଶ ଚାମ୍ପିୟନ

କେନ୍ଦୁଝର, ୭।୧(ଡି.ଏନ୍.ଏ.)

ସଦର ବ୍ଲକ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତର କେରୀ ଗ୍ରାମରେ ମା’ ପୋଟଳ ପାଟ ୟୁଥ କ୍ଲବ ଆନୁକୂଲ୍ୟରେ ୧୮ତମ ବାର୍ଷିକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଯୋଗଦେଇ ଫାଇନାଲ ମ୍ୟାଚରେ ବିଜୟୀ ବଡବିଲ ବାବା ଏକାଦଶକୁ ଟ୍ରଫି ସହ ୧୦ ହଜାର ୫୧ଟଙ୍କା ଏବଂ ରନର୍ସଅପ ପୋଟଳ ପାଟ ୟୁଥ କ୍ଲବ ଦଳକୁ ଟ୍ରଫି ସହ ୬ହଜାର ୫୧ଟଙ୍କା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଟ୍ରକ ମାଲିକ ସଂଘ ଉପସଭାପତି ଦିଲ୍ଲୀପ କୁମାର ପଣ୍ଡା, କ୍ଷମାକର ପାତ୍ର, ଯୁବ ସମାଜସେବୀ ବେଣୁଧର ମହାନ୍ତ, ୱାର୍ଡମେମ୍ବର ଗଙ୍ଗାଧର ନାୟକ, ପୂର୍ବତନ ସରପଞ୍ଚ ଭାଗିରଥି ସିଂ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ବାବା ଏକାଦଶ ବଡବିଲ ଏବଂ ପୋଟଳ ଏକାଦଶ ମଧ୍ୟରେ ହୋଇଥିଲା। ବାବା ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮୬ରନ୍ ସଂଗ୍ରହ କରିଥିଲା। ୮୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପୋଟଳ ଏକାଦଶ ୬୨ରନ୍ କରିବାକୁ ସକ୍ଷମ ହୋଇ ୨୪ରନ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ଦିଲ୍ଲୀପ କୁମାର ପାତ୍ର ଏବଂ ଉମାକାନ୍ତ ମହାନ୍ତ ମ୍ୟାଚରେ ଅମ୍ପାୟାରିଂ କରିଥିବାବେଳେ ଦଗଦାନନ୍ଦ ପାତ୍ର, ସିପୁନ ମହାନ୍ତ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ତନ୍ମୟ କୁମାର ନାୟକ ଓଡିଆ ଓ ହିନ୍ଦି ଭାଷାରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବେଣୁଧର ମହାନ୍ତ ସଭା ପରିଚାଳନା କରିଥିବାବେଳେ ଜଗଦାନନ୍ଦ ପାତ୍ର, ଦେବାଶିଷ ପାତ୍ର, ବିଲ୍ଟୁ, ଗୁଡୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଏବଂ ରନର୍ସଅପ ଟିମ୍।

### ସର୍ବଭାରତୀୟ ମା’ ବାସୁଳି କପ୍ କ୍ରିକେଟ ଟୁର୍ନାମେଣ୍ଟ

# ସେମିଫାଇନାଲରେ ଛତିଶଗଡ଼ ଫରେଷ୍ଟ

ହାଟଡିହୀ, ୭।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମ ଠାରେ ସର୍ବଭାରତୀୟ ମା’ ବାସୁଳି କପ୍ କ୍ରିକେଟ ଟୁର୍ନାମେଣ୍ଟ ୩ୟ ଦିନରେ ପହଞ୍ଚିଛି। ଆଞ୍ଚଳିକ ଯୁବପରିଷଦର ସଭାପତି ଚିନ୍ମୟ ନାୟକ, ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ବରିଷ୍ଠ କର୍ମକର୍ତ୍ତା ଅମୀୟ ରଞ୍ଜନ ନାୟକ, ଅମୂଲ୍ୟ କୁମାର ଜେନା ଓ ଧବଳ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୩ୟ ଦିନ ମ୍ୟାଚ ଛତିଶଗଡ ଫରେଷ୍ଟ ଓ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨୫ ଓଭର ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟ ରେ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ରହ୍ମପୁର ୟୁନାଇଟେଡ ଇଲେଭେନ ୨୫ ଓଭରରେ ୭ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରିଥିଲା । ଜବାବରେ ଛତିଶଗଡ ଫରେଷ୍ଟ ୨୩.୫ ଓଭରରେ ୫ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାନ ଅଫ ଦି ମ୍ୟାଚ ଭାବେ ମନୋଜ ସିଂଙ୍କୁ ପୁରସ୍କୃତ କରାଯାଇଛି। ବିଜୟୀ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଶାନ୍ତନୁ ରାଉତ ଓ ସଞ୍ଜୀବ ବେହେରା, ଭାଷ୍ୟକାର ଭାବେ ଗଣେଶ କୁଅଁର ଓ ଜ୍ଞାନ ରଞ୍ଜନ ଘଡେଇ, ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା, ମଣ୍ଟୁ ଜେନା ଓ ପ୍ରତାପ ଦେବତା ଦାୟିତ୍ୱ ତୁଲାଇ ଥିଲେ। ଉପଦେଷ୍ଟା ମନୋଜ କୁମାର ପାତ୍ର, ପଦ୍ମନାଭ ସାମଲ , ପିଣ୍ଟୁ ଜେନା ଓ ସଞ୍ଜୟ ମଜୁମଦାର, କାହ୍ନା ଜେନା, ବଳରାମ ଜେନା, ଦେବାଶିଷ ବାରିକ ପ୍ରମୁଖ ଯୁବପରିଷଦର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।